



# ବ୍ରିଟିଶ ଅମଳରୁ ପୁଲିସର ବନ୍ଧୁ ସାଜିଛି ଲାଠି

**ବେତ ଅଭାବରୁ ସ୍ଥାନ ନେଉଛି ପ୍ଲାଷ୍ଟିକ୍ ଲାଠି ● ତଳିଆ କର୍ମଚାରୀଙ୍କ ସୁରକ୍ଷା ସାଥୀ**



ଭୁବନେଶ୍ୱର, ୧୧।୫(ସମିସ):

ବ୍ରିଟିଶ୍ ଅମଳରୁ ପୁଲିସର ବନ୍ଧୁ ସାଜିଛି ଲାଠି। ଯାହା ପାଖରେ ବନ୍ଧୁକ ନାହିଁ, ଲାଠି ଥିଲେ ବାଘର ବଳ ଆସୁଛି। ପୁଲିସ ଉପରେ ଆକ୍ରମଣ ହେଉ ଅବା ଲାଠି ଚାଳନା। ସବୁଠି ଏହି ଲାଠି ପୁଲିସ ହାତରେ ଦେଖିବାକୁ ମିଳେ। ଆଇପିଏସ୍ ହୁଅନ୍ତୁ କିମ୍ବା କନଷ୍ଟେବଲ ସେମାନଙ୍କ ହାତରେ ଏହି ଲାଠି ଦେଖିବାକୁ ମିଳିଥାଏ। ବଡ଼ ଅଧିକାରୀଙ୍କ ହାତରେ ଛୋଟ ଲାଠି ଦେଖିବାକୁ ମିଳୁଥିବା ବେଳେ ତଳ କର୍ମଚାରୀ ତଥା ଆଇନ୍ ଶୃଙ୍ଖଳା ନିୟନ୍ତ୍ରଣ, ଭିଡ଼ ନିୟନ୍ତ୍ରଣ ପାଇଁ ରହିଥିବା ପୁଲିସ କର୍ମଚାରୀଙ୍କ ହାତରେ ବଡ଼ ବଡ଼ ଲାଠି ଦେଖିବାକୁ ମିଳିଥାଏ। ବିଶେଷ କରି ୧୯୩୬ ମସିହାରେ ପୁଲିସରେ ଏହି ଲାଠିର ବହୁଳ ବ୍ୟବହାର ହୋଇଥିଲା। ସେତବେଳେ ଭାରତ ସାଧୀନତା ପାଇଁ ଆନ୍ଦୋଳନ କରୁଥିବା ଭାରତୀୟଙ୍କ ଉପରେ ମଧ୍ୟ ବ୍ରିଟିଟ୍ ସେମାନଙ୍କୁ ଘଉଡେଇବା ପାଇଁ ଲାଠି ବ୍ୟବହାର କରୁଥିଲେ। ଏହି ଲାଠିବି ସେବେଠୁ ପୁଲିସ ହାତରେ ରହିଛି। ଓଡ଼ିଶା ପୁଲିସ ବିଶେଷ କରି ଲାଠି ଆସାମ, ମେଘାଳୟରୁ ଆଣୁଥିଲା। ମୁମ୍ବାଇର ଏକ ସଂସ୍ଥା ଆସାମରୁ ବେତ ଆଣିବା ପରେ ଏହାକୁ ପ୍ରସ୍ତୁତ କରିବା ସହ ଧରିବା ପାଇଁ ହ୍ୟାଣ୍ଡେଲ୍ ଏବଂ ଫିତା ଲଗାଇ ପଠାଉଥିଲା। ଏଥିପାଇଁ ଏହି ସଂସ୍ଥାକୁ ଓଡ଼ିଶା ପୁଲିସ ଟେଣ୍ଡର ଦେଇଥିଲା। ଓଡ଼ିଶା ପୁଲିସ ପ୍ରଥମେ ୩ଫୁଟ ଏବଂ ୬ଇଞ୍ଚର ବଡ଼ ଲାଠିକୁ ବ୍ୟବହାର କରୁଥିଲା। କିନ୍ତୁ ଲାଠି ଚାଳନା ସମୟରେ ଏହାକୁ ବୁଲାଇବାରେ ସମସ୍ୟା ହୋଇଥିଲା। ତେଣୁ ଏଭଳି ସମସ୍ୟା ଦେଖା ଦେବାରୁ ପୁଲିସ ସଫ୍ଟ ଲାଗିକୁ ବ୍ୟବହାର କରିଥିଲା। ଏଥିରେ ମଧ୍ୟ ପଥର ମାଡ଼ ଏବଂ ଅନ୍ୟାନ କାର୍ଯ୍ୟ କରିବା ସମୟରେ ସମସ୍ୟା ହୋଇଥିଲା। ତେଣୁ ପୁଲିସରେ ମଧ୍ୟମ ଧରଣର ଲାଠିକୁ ବ୍ୟବହାର କରାଗଲା। ଏହି ଲାଠି ପଥର ମାଡ଼କୁ ପ୍ରତିହତ କରିବା ସହ ଆଇନ୍ ଶୃଙ୍ଖଳା ପରିସ୍ଥିତି ସମୟରେ ସଠିକ୍ କାମ ଦେଉଥିଲା। ଏହି ଲାଠି ଆଗରେ ମଧ୍ୟ ଗୋଜ ପରି ରହିଥାଏ। ଏହି ଗୋଡ଼ ଦ୍ୱାରା ବିଶୃଙ୍ଖଳା କାରୀଙ୍କୁ ଖେଞ୍ଚି ଘଉଡ଼ାଇବାରେ ସହାୟକ ହେଉଥିବାରୁ ଏହାକୁ ବ୍ୟବହାର କରା ଯାଉଛି।

## ଲାଠି ହଜିଲେ ମାମଲା

ପୁଲିସ ଚାକିରିରେ ଯୋଗଦେବା ସମୟରେ ଲାଠି ଇସ୍ୟୁ କରାଯାଇଥାଏ। ଲାଠି ଇସ୍ୟୁ କରାଯିବା ପରେ ପୁଲିସ କର୍ମଚାରୀଙ୍କ ବ୍ୟାଚ୍ ଏବଂ ନାମ ସବୁ କିଛି ଲେଖା ହୋଇ ରହିଥାଏ। ଯଦି କାହାର ଲାଠି ଭାଙ୍ଗି ଗଲେ ସେ ସେହି ଭଙ୍ଗା ଲାଠିକୁ ଦେଖାଇ ରିଜର୍ଭରୁ ନୂଆ ଲାଠି ନେଇ ପାରିବେ। କିନ୍ତୁ ଯଦି କୌଣସି ପୁଲିସ କର୍ମଚାରୀଙ୍କ ଲାଗି ହଜିଲେ ସେମାନଙ୍କ ନାମରେ ମାମଲା ମଧ୍ୟ ରୁଜୁ ହୋଇଥାଏ। ଭୁବନେଶ୍ୱରରେ ମଧ୍ୟ ଏକାଧିକ ପୁଲିସ କର୍ମଚାରୀ ଲାଠି ହଜାଇବା ନେଇ ମାମଲା ମଧ୍ୟ ରୁଜୁ ହୋଇଛି।



## ମୃତ୍ୟୁ ପାଇଁ ପ୍ଲାଷ୍ଟିକ୍ ଲାଠିର ବ୍ୟବହାର



ବେତ ଲାଠି ପୁଲିସର ବ୍ୟବହାର ହେବା ଯୋଗୁଁ ଲୋକଙ୍କ ଅଧିକ କ୍ଷତି ଘଟୁଛି। ଦଙ୍ଗା, ବିକ୍ଷୋଭ, ରାଲି, ହରତାଳ ଏବଂ ଅନ୍ୟାନ୍ୟ ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ପୁଲିସ ଲାଠି ଚାଳନା କରିଥାଏ। କିନ୍ତୁ ଏହା ଦ୍ୱାରା ଅନେକ ଲୋକ ମୃତ୍ୟୁ ବରଣ ସହ ଆହତ ହେଉଛନ୍ତି। ଓଡ଼ିଶାରେ ଗତ ୧୦ବର୍ଷରେ ୭୦ରୁ ଉର୍ଦ୍ଧ୍ୱ ଲୋକ ଲାଠି ଚାଳନା ଯୋଗୁଁ ପ୍ରାଣ ହରାଇଥିବାବେଳେ ୭ଶହରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଲୋକଙ୍କୁ ପିଟିବା ପୁଲିସର ଉଦ୍ଦେଶ୍ୟ ହୋଇନଥିବା ବେଳେ ଆଇନଶୃଙ୍ଖଳା ଠିକ୍ କରିବା ପାଇଁ ପୁଲିସ ଲାଠି ଚାଳନା କରେ। କିନ୍ତୁ ଏଥିରେ ଲୋକଙ୍କ କ୍ଷତି ହେଉଥିବାରୁ ପୁଲିସ ଏବେ ପ୍ଲାଷ୍ଟିକ୍ ଲାଠି ବ୍ୟବହାର କରୁଛି। ଏଥିରେ କେହି ମୃତ୍ୟୁ ଘଟୁନଥିବା ବେଳେ ଅତ୍ୟଧିକ ମାଡ଼ ହେଲେ ତାହା ଭାଙ୍ଗି ଯାଉଛି। ଏହି ପ୍ଲାଷ୍ଟିକ୍ ଲାଠି ଇଚ୍ଛାପୁର, ଝାଞ୍ଜିର ମଙ୍ଗଳା ନିକଟରୁ ଆସୁଛି। ଅନ୍ୟ ଏକ କାରଣ ହେଲା ବେତର ଅଭାବ ଦେଖା ଦେଉଥିବାରୁ ପ୍ଲାଷ୍ଟିକ୍ ଲାଠିର ବ୍ୟବହାର କରାଯାଉଛି।

## ଗୁଳି ଚାଳନା ପୂର୍ବରୁ ଲାଠିମାଡ଼

ଯେଉଁଠି ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଇଥାଏ। ସେଠାରେ ପୁଲିସ ଲାଠି ଚାଳନା କରି ଲୋକଙ୍କ ଘଉଡାଇ ପରିସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ଚେଷ୍ଟା କରେ। ଯଦି ଲାଠି ଦ୍ୱାରା ପରିସ୍ଥିତି ନିୟନ୍ତ୍ରଣକୁ ନଆସେ ତେବେ ପୁଲିସ ପାଣି ମାଡ଼ ଏବଂ ଲୁହ ବୁହା ଗ୍ୟାସ୍ ମାଡ଼ କରିଥାଇ। ଯଦି ଥିରେ କିଛି ସୁଫଳ ନମିଳିଲା ତେବେ ପୁଲିସ ଶେଷରେ ଗୁଳି ମାଡ଼ କରିଥାଏ। କିନ୍ତୁ ପ୍ରଥମେ ଲାଠି ମାଡ଼ ଜରୁରୀ ହୋଇଥାଏ। ଲାଠି ମାଡ଼ ନ କରାଯାଇଥିଲେ ଗୁଳି ମାଡ଼ ପାଇଁ ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଏ। ତେଣୁ ଗୁଳିମାଡ଼ ପୂର୍ବରୁ ଲାଠି ମାଡ଼ ହୋଇଥାଏ।



## 'ମୋ ବସ୍'ରୁ ଲୁଟ୍, ବଙ୍ଗୀୟ ମହିଳା ଗିରଫ

ଭୁବନେଶ୍ୱର, ୧୧।୫(ସମିସ): ମୋ ବସରୁ ଲୁଟ୍‌ପାଟ୍ କରୁଥିବା ଗ୍ୟାଙ୍ଗର ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ମହିଳା ହେଲେ ପଶ୍ଚିମବଙ୍ଗ ବଲମପୁରର ଲାଜବତୀ ସିଂହ(୨୧)। ପୁଲିସ ସୂଚନା ଅନୁଯାୟୀ, ବିଡିଏ କଲୋନୀର ପାର୍ବତୀ ସାହୁ ଗତକାଲି ଅପରାହ୍ଣରେ ଘରକୁ ଫେରିବା ପାଇଁ ବରମୁଣ୍ଡା ବସ୍ ଷ୍ଟାଣ୍ଡରୁ ଓମଫେଡ୍ ଛକକୁ ଆସୁଥିବା ମୋ ବସ୍‌ରେ ବସିଥିଲେ। ସେ ଓମ୍‌ଫେଡ୍ ଛକରେ ପହଞ୍ଚିବା ମଧ୍ୟରେ ଲାଜବତୀ ସୁଯୋଗ ଦେଖି ତାଙ୍କ ମୋବାଇଲ ଫୋନ ଚୋରି କରି ନେଇ ଯାଇଥିଲା। ପାର୍ବତୀ ବସ୍‌ରୁ ଓହ୍ଲାଇବା ସମୟରେ ତାଙ୍କର ମୋବାଇଲ୍ ଫୋନ୍‌ଟିକୁ ନପାଇବାରୁ ଖୋଜାଖୋଜି କରିଥିଲେ। ସେହି ସମୟରେ ଲାଜବତୀ ତାଙ୍କ ମୋବାଇଲ ଫୋନ୍‌ଟିକୁ ଚୋରି କରି ବସରୁ ଓହ୍ଲାଇ ଦୌଡ଼ି ପଳାଉଥିବାର ଦେଖିବାକୁ ପାଇଥିଲେ। ତାର ପିଛା କରିଥିଲେ ମଧ୍ୟ ଲାଜବତୀକୁ ଠାବ କରିନପାରି ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିଲା। ଓମ୍‌ଫେଡ୍ ଛକରେ ଚଢ଼ଉ କରି ଲାଜବତୀଙ୍କୁ କାବୁ କରିବା ସହ ତାଙ୍କଠାରୁ ଚୋରି ମୋବାଇଲ ଫୋନ୍ ଜବତ କରି ଥାନାକୁ ଆଣିଥିଲା ପୁଲିସ। ଲାଜବତୀ ତାଙ୍କର ଅନ୍ୟ ଜଣେ ସହଯୋଗୀ ସହିତ ମିଶି ଏହି ଚୋରି କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। କଟକ ଲିଙ୍କ ରୋଡ୍ ଓ ଓଏମ୍‌ପି ଛକରେ ରହୁଥିବା ପଶ୍ଚିମବଙ୍ଗର ୪/୫ ଜଣିଆ ମହିଳା ଲୁଟେରା ଗ୍ୟାଙ୍ଗ ମୋ ବସରେ ମୋବାଇଲ ଚୋରି କରିବା ପାଇଁ ଭୁବନେଶ୍ୱର ଆସୁଥିବା ତଦନ୍ତବେଳେ ପୁଲିସ ଜାଣିବାକୁ ପାଇଛି। ସେମାନେ ମିଳିତ ଭାବେ ମୋ ବସରୁ ସୁଯୋଗ ଦେଖି ମୋବାଇଲ୍ ଫୋନ୍ ଚୋରି କରିବା ପରେ ପୁଣି କଟକ ଫେରି ଯାଉଛନ୍ତି। ଲାଜବତୀଙ୍କୁ ପଚରାଉଚରା କରି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କ ବିଷୟରେ ତଥ୍ୟ ହାସଲ କରିଛି ପୁଲିସ। ଏପରିକି ସେମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି। ସେମାନଙ୍କୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।



## ଋଣ ଜାଲିଆତି କରି ବନ୍ଧା ହେଲା

ଭୁବନେଶ୍ୱର, ୧୧।୫(ସମିସ): ଜାଲ କାଗଜପତ୍ର ଦେଖାଇ ବ୍ୟାଙ୍କରୁ ଋଣ ନେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶିରିପୁର ଶବର ସାହିରେ ରହୁଥିବା ସୂର୍ଯ୍ୟମଣି ବାରିକ। କୋର୍ଟଙ୍କ ୱାରେଣ୍ଟ ବଳରେ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ସୂର୍ଯ୍ୟମଣି ଜାଲ କାଗଜପତ୍ର ବ୍ୟାଙ୍କରୁ ୨୫ ଲକ୍ଷ ଟଙ୍କା ?ଣ ଆଣିଥିଲା। ଏନେଇ ୨୦୧୬ ମସିହାରେ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମାମଲା ରୁଜୁ ହେବାପରେ ସୂର୍ଯ୍ୟମଣି ଫେରାର ହୋଇଯାଇଥିଲା। ପୁଲିସର ଆବେଦନ କ୍ରମେ କୋର୍ଟ ସୂର୍ଯ୍ୟମଣି ବିରୋଧରେ ୱାରେଣ୍ଟ ଜାରି କରିଥିଲେ। ସେହି ୱାରେଣ୍ଟ ବଳରେ ଖଣ୍ଡଗିରି ଥାନା ପୁଲିସ ଆଜି ସୂର୍ଯ୍ୟମଣିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂର୍ଯ୍ୟମଣି ନାମରେ ଏକାଧିକ ଠକେଇ ଓ ଚେକ୍ ବାଉନ୍ସ ମାମଲା ରହିଥିବା ପୁଲିସ କହିଛି।

## ତାଗିଦ୍ କରିବାରୁ ଝୁଲି ପଡ଼ିଲେ ପୁଅ

ଭୁବନେଶ୍ୱର, ୧୧।୫(ସମିସ): ବାପା ତାଗିଦ୍ କରିବାରୁ ଝୁଲି ପଡ଼ିଲେ ପୁଅ। ଏଭଳି ଘଟଣା ଚନ୍ଦ୍ରଶେଖରପୁର ଥାନା ହରେକୃଷ୍ଣ ବସ୍ତିରେ ଦେଖିବାକୁ ମିଳିଛି। ମୃତ ଯୁବକ ଜଣଙ୍କ ହେଲେ ପ୍ରଭାତ ବଡିଆ(୨୨)। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ପ୍ରଭାତ ସବୁବେଳେ ମଦ ପିଇ ନିଶାରେ ରହୁଥିଲା। ଏପରିକି ଘରକୁ ମଦ ପିଇ ଆସୁଥିଲା। ଗତକାଲି ଘରକୁ ମଦ ପିଇ ଆସିବାରୁ ତାଙ୍କ ବାପା ପାଟି କରିଥିଲେ। ଯେଉଁଥିରେ ପ୍ରଭାତ ରାଗିଯାଇ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ।

■ ଲେଡି ଡ୍ୟାନ୍ସର୍‌ଙ୍କ ମୃତ୍ୟୁ ଘଟଣା

## ପୁରୁଷ ବନ୍ଧୁ ନିହାର ନାମରେ ହତ୍ୟା ମାମଲା

ଭୁବନେଶ୍ୱର, ୧୧।୫(ସମିସ): ବଡ଼ଗଡ଼ ଥାନା ପଡ଼ା ସାହିରେ ଭଡ଼ାରେ ରହୁଥିବା ଲେଡି ଡ୍ୟାନ୍ସର ମୋନାଲିସା ଦାସଙ୍କ ସନ୍ଦେହଜନକ ମୃତଦେହ ଗତକାଲି ଉଦ୍ଧାର କରାଯାଇଥିଲା। ହେଲେ ଆଜି ଏହି ଘଟଣା ଭିନ୍ନମୋଡ଼ ନେଇଛି। ମୋନାଲିସା ଆତ୍ମହତ୍ୟା କରିନାହାନ୍ତି ବରଂ ତାଙ୍କୁ ତାଙ୍କର ପୁରୁଷ ବନ୍ଧୁ ନିହାର ଗିରି ମାରି ଟାଙ୍ଗି ଦେଇଥିବା ତାଙ୍କ ବାପା ବୈରାଗୀ ଦାସ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଆଧାରରେ ବଡ଼ଗଡ଼ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ପୁରୁଷ ବନ୍ଧୁ ନିହାରକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜୋରଦାର କରିଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ଉକ୍ତ ଘରକୁ ଯାଇ ଛାନ୍‌ଭିନ୍ କରିଛି। ମୃତଦେହ ନିକଟରୁ ମଦ ବୋତଲ, ସିଗାରେଟ୍ ଆଦିକୁ ଜବତ କରି ପରୀକ୍ଷା ପାଇଁ ନେଇଛି। ଆହୁରି ମଧ୍ୟ ସୁଲୋଚନାଙ୍କ ମୋବାଇଲ୍ ଫୋନ୍‌କୁ ମଧ୍ୟ ପୁଲିସ ଜବତ କରି ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଇଛି। ଶବ ବ୍ୟବଚ୍ଛେଦ ଏବଂ ଫୋରେନ୍‌ସିକ୍ ରିପୋର୍ଟ ଆସିବା ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

**ସୁଲୋଚନାଙ୍କ ମୋବାଇଲ୍ ଗଲା ଫୋରେନ୍‌ସିକ୍ ଲ୍ୟାବ୍**

**ବ୍ୟବଚ୍ଛେଦ ପରେ ଗାଁକୁ ନେଲେ ମୃତଦେହ**

ଏ ନେଇ ମୃତ ଯୁବତୀଙ୍କ ସାନ ଭଉଣୀ ଏଲିନା ଦାସ କହିଛନ୍ତି, ଆମେ ପ୍ରଥମେ ଜଣେ ଯୁବକ ନିହାର ଗିରିଙ୍କ ଠାରୁ ଫୋନ୍ କଲ୍ ପାଇଥିଲୁ। ସେ ଜଣେ ହୋଟେଲ ମାଲିକ। ଆମ ଭଉଣୀ ସହିତ ସେ ଲିଭ୍ ଇନ୍‌ରେ ରହୁଥିଲେ। ଏହାପରେ ଆମେ ବଡ଼ଗଡ଼ ଗାଁରେ ପହଞ୍ଚିଥିଲୁ। ହେଲେ ତାଙ୍କ ପୁରୁଷ ବନ୍ଧୁଙ୍କ ଫୋନ୍ ସ୍ୱିଚଡ୍‌ଅଫ୍ ହୋଇଯାଇଥିଲା। ଆମେ ଖୋଜାଖୋଜି କରି ପାଉଁରୁଟି ଫ୍ୟାକ୍ଟ୍ରି ପାଖ ପଡ଼ାସାହିରେ ଥିବା ଏକ ଭଡ଼ା ଘରେ ପହଞ୍ଚିଥିଲୁ। ଆମେ ଦେଖିଲା ବେଳକୁ ଭଉଣୀ ଫ୍ୟାନରେ ଏକ ଓଢ଼ଣୀରେ ଝୁଲି ରହିଥିଲେ। ତାଙ୍କ ଗୋଡ ବଙ୍କା ହୋଇ ଆଣ୍ଠୁ ତଳେ ଲାଗିଥିଲା। ପାଖରେ ମଦ ବୋତଲ ଓ ସିଗାରେଟ ଖୋଳ ପଡ଼ିଥିଲା। ତେବେ ସନ୍ଦେହ ହେଉଛି ତାଙ୍କୁ ହତ୍ୟା କରାଯାଇଛି।

## ବିଲଡର ସଂସ୍ଥା ଉପରେ ଆୟକର ଚଢ଼ଉ

ଭୁବନେଶ୍ୱର, ୧୧।୫(ସମିସ): ରାଜଧାନୀରେ ଏକ ବିଲ୍ଡର ସଂସ୍ଥା ଉପରେ ଆୟକର ବିଭାଗ ଚଢ଼ଉ କରିଛି। ଷ୍ଟଲୱାର୍ଟ ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ୍ ଉପରେ ଆୟକର ବିଭାଗ ଚଢ଼ଉ କରିଛି। ଷ୍ଟଲୱାର୍ଟ ପ୍ରୋଜେକ୍ଟର ମାଲିକ ଶରତ ସାହୁଙ୍କ ସଂସ୍ଥା ଉପରେ ଚାଲିଛି ଚଢାଉ। ଶରତଙ୍କୁ ତାଙ୍କ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଜେରା କରୁଛି ଆଇଟି। ଶରତଙ୍କୁ ଟିକସ ଫାଙ୍କି ଥିବା ଅଭିଯୋଗରେ ଏହି ଚଢ଼ଉ ହୋଇଛି। ଆଇଟି ବିଭାଗ ଦସ୍ତାବିଜ୍ ଯାଞ୍ଚ କରୁଛି।

## ବାଲିଅନ୍ତା ପୁଲିସର ଫ୍ଲାଗ ମାର୍ଚ୍ଚ

ବାଲିଅନ୍ତା, ୧୧।୫(ସମିସ): ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର ଏବଂ ବାଳକାଟି ଫାଣ୍ଡି ଅଧିକାରୀ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଫ୍ଲାଗ ମାର୍ଚ୍ଚ କରାଯାଇଥଲା। ବାଲିଅନ୍ତା, ବେଣ୍ଡପୁର ଏବଂ ବାଳକାଟି ଫାଣ୍ଡି ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ପୁଲିସ କର୍ମଚାରୀ ଏବଂ ଯବାନ ସାମିଲ ଥିଲେ।



## ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୧।୫(ସମିସ): ବଡ଼ଗଡ଼ ଥାନା ବାସୁଆଘାଇ ନଦୀ ପଠା ବୁଦାରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଦେହ ଫୁଲି ଯାଇଥିବାରୁ ତାଙ୍କର ପରିଚୟ ମିଳିପାରି ନାହିଁ। ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ପୁଲିସ ସନ୍ଦେହ କରୁଛି। ମୃତ ମହିଳାଙ୍କ ଶରୀରରେ କୌଣସି ବସ୍ତ୍ର ନଥିବାବେଳେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ଅଡୁଆ ବଢ଼ାଇଛି ଦଫା '୩୦୬'

ଭୁବନେଶ୍ୱର, ୧୧।୫(ସମିସ):

ସମସ୍ତଙ୍କ ଲାଗି ଆଇନ୍ ସମାନ। ମହିଳା ହୁଅନ୍ତୁ ଅବା ପୁରୁଷ ଆଇନ୍ ଆଖିରେ ସମସ୍ତେ ଏକ। ଅପରାଧ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିଲେ, ସମସ୍ତେ ଜାଲରେ ଫସିବେ। ସମାନ ଦଫାରେ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ରହିଛି। ମାତ୍ର ଏହି ଆଇନରେ ଏବେ ପାତରଅନ୍ତର କରାଯାଉଥିବା ଅଭିଯାଗ ହୋଇଛି। ଭାରତୀୟ ଦଣ୍ଡ ବିଧାନ ଆଇନ୍ ଦଫା ୩୦୬(ଆତ୍ମହତ୍ୟା ଲାଗି ପ୍ରବର୍ତ୍ତାଇବା) ମାମଲା ଅଡୁଆ ବଢ଼ାଇଛି। ମହିଳାଙ୍କ କ୍ଷେତ୍ରରେ କମିସନରେଟ୍ ପୁଲିସ ଅନୁକମ୍ପା ବା ସହାନୁଭୂତି ଦେଖାଉଛି। କିନ୍ତୁ ପୁରୁଷଙ୍କ କ୍ଷେତ୍ରରେ କମିସନରେଟ୍ ପୁଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଅଭିଯୋଗ ହୋଇଛି। ୩୦୬ ଦଫାରେ ଜଣେ ପୁରୁଷଙ୍କ ଲାଗି ମହିଳା ଆତ୍ମହତ୍ୟା କଲେ ପୁଲିସ ଏହି ମାମଲାରେ ତ୍ୱରିତ ପଦକ୍ଷେପ ନେଇ ପୁରୁଷଙ୍କୁ ଗିରଫ କରି ଜେଲ୍ ପଠାଉଛି। ଅନୁରୂପ ଭାବେ ଯଦି ଜଣେ ମହିଳାଙ୍କ ଲାଗି ପୁରୁଷ ଆତ୍ମହତ୍ୟା କରୁଛି, ତେବେ ପୁଲିସ ମହିଳାଙ୍କୁ ଗିରଫ କରିବା ବଦଳରେ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଛି। ଏହିକ୍ରମରେ ଶୁଭଶ୍ରୀ ମହାପାତ୍ର, ଆଇନ୍‌ଜୀବୀ ଦୀପାଳି ପ୍ରିୟଦର୍ଶୀନୀ ଜେନା, ଏମ୍‌ସିଏ ଛାତ୍ରୀ ଆଶ୍ରିତା ସେନାପତି ଓ ଶ୍ୱେତା ଉତ୍କଳ କୁମାରୀ, ସୁଚିସ୍ମିତା ରାଣୀ ପ୍ରଧାନ, ଗଙ୍ଗା ପାଲ୍‌ଙ୍କ ଆତ୍ମହତ୍ୟା ଭଳି ଅନେକ ଘଟଣାରେ ପୁଲିସ ପୁରୁଷବନ୍ଧୁଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇ ଦେଇଛି। ମାତ୍ର 'ଡିଜେ ଆଜେକ୍ସ' ବା ଅକ୍ଷୟ କୁମାର ମହାରଣା, ମଡେଲ୍ ସୌମ୍ୟରଞ୍ଜନ ପାଣିଗ୍ରାହୀ ଓ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ସମସ୍ତ ଆତ୍ମହତ୍ୟା ମାମଲାରେ ପୁଲିସ ଦଫା ୩୦୬ରେ ମାମଲା ରୁଜୁ କରି ତଦନ୍ତ କରୁଛି।



**ପୁରୁଷଙ୍କ ଲାଗି କଠୋର; ମହିଳାଙ୍କୁ ଅନୁକମ୍ପା**

**ଆତ୍ମହତ୍ୟା ଲାଗି ପ୍ରବର୍ତ୍ତାଇଲେ ଫସିବେ**

ମାତ୍ର ତଦନ୍ତରେ ଶିଥିଳତା ଯୋଗୁଁ ମାମଲାଗୁଡ଼ିକର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚ ନେଇଛି। ଖଣ୍ଡଗିରି, ଶ୍ରୀଲିଙ୍ଗରାଜ, ସହିଦନଗର ଭଳି ଥାନା ଅଞ୍ଚଳରେ ପ୍ରେମିକାଙ୍କ ପ୍ରତାରଣାର ଶିକାର ହୋଇ ପ୍ରେମିକ ଆତ୍ମହତ୍ୟା କରିଛନ୍ତି। ମାତ୍ର ପ୍ରେମିକାଙ୍କ ପ୍ରତି ପୁଲିସ କୋହଳ ମନୋଭାବ ଗ୍ରହଣ କରିବା ସହ ଅନୁକମ୍ପା ଦେଖାଉଛି। ତେଣୁ ପ୍ରେମିକା କିମ୍ବା ବାନ୍ଧବୀଙ୍କ ବିରୋଧରେ ଆତ୍ମହତ୍ୟା ଲାଗି ପ୍ରବର୍ତ୍ତାଇବା ଅଭିଯୋଗଗୁଡ଼ିକରେ ପୁଲିସର ଧିମା ତଦନ୍ତକୁ ଚ୍ୟାଲେଞ୍ଜ କରି ଯୁବକଙ୍କ ପରିବାର ଲୋକ କୋର୍ଟର ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରୁଛନ୍ତି।

ସେପଟେ ସନ୍ଦେହଜନକ ଆତ୍ମହତ୍ୟାଗୁଡ଼ିକୁ ତଦନ୍ତ ଲାଗି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଉଛି। ଫୋରେନ୍‌ସିକ ଟିମ୍ ସହ ସ୍ଥାନୀୟ ଥାନା ପକ୍ଷରୁ ମିଳିତ ତଦନ୍ତ ଚାଲୁଛି। ଏଥିରେ ଫିଙ୍ଗରପ୍ରିଣ୍ଟ, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ଅନ୍ୟ ପ୍ରମାଣପତ୍ର ଯୋଗାଡ଼ କରାଯାଉଛି। ଅଭିଯୋଗ ଭିତ୍ତିରେ ତଦନ୍ତ କରାଯାଉଛି। ଅଭିଯୋଗର ସତ୍ୟାସତ୍ୟ ଥିଲେ, ମାମଲା ରୁଜୁ କରାଯାଉଛି। ସେଇ ମାମଲାଗୁଡ଼ିକରେ ଯାହାର ବି ସମ୍ପୃକ୍ତି ପଦାକୁ ଆସୁଛି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ପୁଲିସ ପକ୍ଷରୁ କୁହାଯାଉଛି।

**ଗିରଫ ହୋଇଥିବା କିଛି ପୁରୁଷବନ୍ଧୁ...**

- କଳିଙ୍ଗନଗର-କେ ୱାନ୍‌ରେ ସୁଚିସ୍ମିତା ରାଣୀ ପ୍ରଧାନ ଆତ୍ମହତ୍ୟା କରିଥିଲେ। ସେ ରହୁଥିବା ଆପାର୍ଟମେଣ୍ଟର ଫ୍ଲାଟ୍‌ରୁ ଝୁଲନ୍ତା ମୃତଦେହ ମିଳିଥିଲା। ପରେ ଭରତପୁର ଥାନା ପୁଲିସ ଆତ୍ମହତ୍ୟା ଲାଗି ପ୍ରବର୍ତ୍ତାଇବା ଅଭିଯୋଗରେ ଭାଗୀରଥି ଦାଶଙ୍କୁ ଗିରଫ କରିଥିଲା।
- ଖାରବେଳନଗର ଥାନା ଅଞ୍ଚଳରେ ବିବାହିତ ମହିଳା ଶୁଭଶ୍ରୀ ମହାପାତ୍ର ଆତ୍ମହତ୍ୟା କରିଥିଲେ। ଘର ଭିତରୁ ଝୁଲନ୍ତା ମୃତଦେହ ଜବତ କରିଥିଲା ପୁଲିସ। ଶୁଭଶ୍ରୀଙ୍କୁ ଆତ୍ମହତ୍ୟା ଲାଗି ପ୍ରବର୍ତ୍ତାଇବା ଅଭିଯୋଗରେ ତାଙ୍କ ପୁରୁଷବନ୍ଧୁ ଚିତ୍ତରଞ୍ଜନ ଜେନାଙ୍କୁ ଗିରଫ କରିଥିଲା ଖାରବେଳନଗର ଥାନା ପୁଲିସ।
- ଧଉଳି ଥାନା ଅଞ୍ଚଳର ମହିଳା ଆଇନ୍‌ଜୀବୀ ଦୀପାଳି ପ୍ରିୟଦର୍ଶୀନୀ ଜେନାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଦୀପାଳିଙ୍କ ଆତ୍ମହତ୍ୟା କରିବା ପଛରେ ପୁରୁଷ ବନ୍ଧୁଙ୍କ ସମ୍ପୃକ୍ତି ରହିଥିଲା। ପୁଲିସ ପ୍ରବର୍ତ୍ତାଇବା ଦଫାରେ ଦୀପାଳିଙ୍କ ପୁରୁଷବନ୍ଧୁ ବିକ୍ରମ କେଶରୀ ମିଶ୍ରକୁ ଗିରଫ କରିଥଲା।
- ମୈତ୍ରୀବିହାର ଥାନା ଅଞ୍ଚଳରେ ଗଙ୍ଗା ପାଲ୍ ଆତ୍ମହତ୍ୟା କରିଥିଲେ। ସେ ରହୁଥିବା ଭଡ଼ା ଘରୁ ଝୁଲନ୍ତା ମୃତଦେହ ମିଳିଥିଲା। ତାଙ୍କ ଆତ୍ମହତ୍ୟା ପଛରେ ଆଶିଷ ନାୟକଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଥିଲା। ଆତ୍ମହତ୍ୟା ଲାଗି ପ୍ରବର୍ତ୍ତାଇବା ମାମଲାରେ ଆଶିଷଙ୍କୁ ଗିରଫ କରାଯାଇଥିଲା।
- ଆଚାର୍ଯ୍ୟବିହାର ସ୍ଥିତି ଭଡ଼ା ଘରେ ଏମ୍‌ସିଏ ଛାତ୍ରୀ ଆଶ୍ରିତା ସେନାପତି ଆତ୍ମହତ୍ୟା କରିଥିଲେ। ତ୍ରିକୋଣୀୟ ପ୍ରେମରୁ ସେ ଆତ୍ମହତ୍ୟା କରିଥିଲେ। ତାଙ୍କୁ ଆତ୍ମହତ୍ୟା ଲାଗି ଆଶ୍ରିତାଙ୍କ ପୁରୁଷ ବନ୍ଧୁ ସତ୍ୟପ୍ରକାଶ ଦାସଙ୍କ ସମ୍ପୃକ୍ତି ରହିଥିଲା। ପ୍ରବର୍ତ୍ତାଇବା ଦଫାରେ ପୁରୁଷବନ୍ଧୁ ସତ୍ୟପ୍ରକାଶଙ୍କୁ ଗିରଫ କରିଥିଲା ସହିଦନଗର ଥାନା ପୁଲିସ।
- ଶ୍ୱେତା ଉତ୍କଳ କୁମାରୀଙ୍କ ଆତ୍ମହତ୍ୟା ଝୁଲନ୍ତା ମୃତଦେହକୁ ଠାବ କରିଥିଲା ପୁଲିସ। ତାଙ୍କ ଘରୁ ଏକ ଡାଏରୀ ଓ ହାତ ଲେଖା ଚିଠି ମିଳିଥିଲା। ତାଙ୍କ ଆତ୍ମହତ୍ୟା ପାଇଁ ପୁରୁଷ ବନ୍ଧୁ ସୌମ୍ୟଜିତ୍ ମହାପାତ୍ର ଦାୟୀ ବୋଲି ଦର୍ଶାଯାଇଥିଲା। ପୁଲିସ ପ୍ରବର୍ତ୍ତାଇବା ଦଫାରେ ପୁରୁଷବନ୍ଧୁ ସୌମ୍ୟଜିତ୍‌କୁ ଗିରଫ କରିଥିଲା।
- କ୍ୟାପିଟାଲ ଥାନା ଅଞ୍ଚଳରେ ପାରିବାରିକ ମାମଲାକୁ କେନ୍ଦ୍ରକରି କୁନି ପରିଡ଼ା ଆତ୍ମହତ୍ୟା କରିଥିଲେ। ସେ ଶୋଇଥିବା ଘରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ମାମଲାର ତଦନ୍ତ କରି ଶିବ ପରିଡ଼ାକୁ ଗିରଫ କରିଥିଲା ପୁଲିସ।

## ୧୦ବର୍ଷରେ ଗିରଫ ହେଲେଣି ୩୪୩

ପ୍ରେମିକା ହୁଅନ୍ତୁ ବା ପତ୍ନୀ ଆତ୍ମହତ୍ୟା କଲେ ସ୍ୱାମୀ ଓ ପ୍ରେମିକା ତଦନ୍ତ ପରିସରଭୁକ୍ତ ହେଉଛନ୍ତି। ପରେ ଆତ୍ମହତ୍ୟା ଲାଗି ପ୍ରବର୍ତ୍ତାଇବା ଦଫାରେ ଗିରଫ କରାଯାଉଛି। ଗତ ୧୦ବର୍ଷରେ ୩୦୬ ଦଫାରେ ୩୪୩ଜଣଙ୍କୁ ଗିରଫ କରାଯାଉଛି। ଏଥିରେ ୨୯୭ ପୁରୁଷ ଓ ୮୬ଜଣ ମହିଳା ରହିଛନ୍ତି। ଖଣ୍ଡଗିରି, ନୂଆପଲ୍ଲୀ, ମଞ୍ଚେଶ୍ୱର, ତମାଣ୍ଡୋ, ଇନ୍‌ଫୋସିଟି, ଏୟାରପୋର୍ଟ, କ୍ୟାପିଟାଲ, ସହିଦନଗର ଥାନା ଅଞ୍ଚଳରେ ସର୍ବାଧିକ ଗିରଫଦାରୀ ହୋଇଛି। ସେମାନଙ୍କ ପଛରେ ନନ୍ଦନକାନନ, ଏୟାରଫିଲ୍ଡ, ଲକ୍ଷ୍ମୀସାଗର, ଜଟଣୀ, ଚନ୍ଦକା, ଚନ୍ଦ୍ରଶେଖରପୁର, ଧଉଳି, ଖାରବେଳନଗର ଥାନା ଆଦି ରହିଛି।



# କଟକ ସିଟି



## ନିର୍ବାଚନକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସର ପଦକ୍ଷେପ

# ଏଣିକି ମଦ୍ୟପଙ୍କ ଉପରେ 'ଲାଠି ଚାର୍ଜ'

କଟକ, ୧୧।୫(ସମିସ)



**ଅଫ୍‌ସପ୍ ରାତି ୧୦ଟା୩୦ ଓ ଅନ୍‌ସପ୍ ରାତି ୧୨ରେ ବନ୍ଦ କରିବାକୁ ତାଗିଦ୍**

**ପୋଲିଂ'ର ୪୮ ଘଣ୍ଟା ପୂର୍ବରୁ ଓ କାଉଣ୍ଟିଂ ଦିନ ସିଲ୍ ହେବ ମଦ ଦୋକାନ**

**ରାତି ୧୨ରୁ ଭୋର୍-୬ ଚୋରା କାରବାର ଉପରେ ପୁଲିସ ନେଉଛି କଠୋର କାର୍ଯ୍ୟାନୁଷ୍ଠାନ**

ନିର୍ବାଚନ ପାଇଁ କଠୋର ହେଉଛି କମିଶନରେଟ୍ ପୁଲିସ। ସହରର ଚୋରା ମଦ ଆଡ୍ଡା ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ମଦ ଦୋକାନୀଙ୍କୁ ଚେତାବନୀ ଦିଆଯାଇଛି। ସହରରେ ଯେଉଁ କେତୋଟି ନିର୍ଦ୍ଦିଷ୍ଟ ସରକାରୀ ମଦ ଦୋକାନ ବାହାରେ ରାତି୧୨ପରେ ଚୋରାରେ ମଦ କାରବାର କରାଯାଉଛି, ସେଠାରେ ଲାଠି ଚାର୍ଜ କରାଯିବାକୁ ପୁଲିସ ନିଷ୍ପତ୍ତି ନେଇଛି। ସଂଘବଦ୍ଧ ଭାବେ ବିଳମ୍ବିତ ରାତ୍ରରେ ଗୋଟିଏ ସ୍ଥାନରେ ଏକଜୁଟ୍ ହୋଇ ମଦ୍ୟପାନ କରିବା, ରାତି ୧୨ଟା ପରେ ମଦ ଦୋକାନ ସମ୍ମୁଖରେ ମେଳି କରିବା ବା ଏକଜୁଟ୍ ହେବା ଉପରେ ପୁଲିସ ନଜର ରଖୁଥିବା ଏଡିସିପି ଅନିଲ୍ କୁମାର ମିଶ୍ର ସୂଚନା ଦେଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି, ଆଇନ ଶୃଙ୍ଖଳା ଦୃଷ୍ଟିକୋଣରୁ ରାତି ୧୨ଟା ପରେ ଯଦି ନିଶା କାରବାରରେ କୌଣସି ବ୍ୟକ୍ତି ଲିପ୍ତ ରହୁଛନ୍ତି ଏବଂ ସରକାରୀ ଧାର୍ଯ୍ୟ ସମୟ ବାହାରେ ଯଦି କୌଣସି ବ୍ୟକ୍ତି ମଦ ବା ନିଶା ଦ୍ରବ୍ୟ ବିକ୍ରୟ କରୁଛନ୍ତି, ତେବେ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସଂଘବଦ୍ଧ ଭାବେ ନିଶା ସେବନ କରୁଥିବା ନଜରକୁ ଆସିଲେ, ପୁଲିସ ଲାଠି ଚାର୍ଜ କରିବ ବୋଲି ସେ ସୂଚନା ଦେଇଛନ୍ତି। ଅବକାରୀ ବିଭାଗ ପକ୍ଷରୁ ସହରର ସମସ୍ତ ଅନ୍‌ସପ୍ ଓ ଅଫସପ୍ ମାଲିକଙ୍କୁ ନୋଟିସ ଜାରି କରାଯାଇଛି। ନିର୍ବାଚନ ଆଚରଣ ବିଧି ଅନୁସାରେ, ସହରରେ ପୁଲିଂର ୪୮ ଘଣ୍ଟା ପୂର୍ବରୁ ସମସ୍ତ ମଦ ଦୋକାନକୁ ସିଲ୍ କରି ଦିଆଯିବ। ସେହିପରି ଭୋଟ୍ ଗଣତି(କାଉଣ୍ଟିଂ) ଦିନ ସହରରେ ବନ୍ଦ ଦୋକାନ ବନ୍ଦ ରଖାଯିବ। କୌଣସି ସରକାରୀ ମଦ ଦୋକାନ ମାଲିକ ଧାର୍ଯ୍ୟ ସମୟ ବାହାରେ ମଦ ବିକ୍ରୟ କରୁଥିଲେ, ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଅବକାରୀ ସୁପରିଟେଣ୍ଡେଣ୍ଟ ଦେବାଶିଷ ପଟେଲ୍ କହିଛନ୍ତି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମାଛୁଆ ବଜାର ଅଞ୍ଚଳରେ ମଙ୍ଗଳାବାଗ ଥାନା ପୁଲିସ ଗତ ୨ଦିନ ହେବ ଚଢଉ ଜାରି ରଖିଛି। ମଙ୍ଗଳାବାଗ, କଲେଜଛକ, ଷ୍ଟେସନ୍ ବଜାର ଓ ଯୋବ୍ରା ଅଞ୍ଚଳରେ ବିଳମ୍ବିତ ରାତିରେ ଚୋରା ମଦ କାରବାର ବୃଦ୍ଧି ଘଟୁଥିବା ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ, ମାଲଗୋଦାମ ଥାନା ପୁଲିସ, ମଙ୍ଗଳାବାଗ ଥାନା ପୁଲିସ ଓ ସ୍ପେଶାଲ୍ ସ୍କ୍ୱାଡ୍ ବିଳମ୍ବିତ ରାତିରେ ପାଟ୍ରୋଲିଂ କରି ମଦ୍ୟପଙ୍କୁ ଧରିବା ସହିତ ଏହି ଅଞ୍ଚଳରେ ମଦ କାରବାର କରୁଥିବା ୩ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଥିବା ସୂଚନା ମିଳିଛି। କମିଶନରେଟ୍ ପୁଲିସ ପକ୍ଷରୁ କେବଳ ଚୋରା ମଦ କାରବାରରେ ଗତ ୧୦ ମାସ ମଧ୍ୟରେ ୫୧୦ ଜଣ ଗିରଫ ହୋଇଛନ୍ତି। ସେହିପରି ଅବକାରୀ ବିଭାଗ ପକ୍ଷରୁ ୩୮ ଜଣଙ୍କୁ ସହର ମଧ୍ୟରୁ ଗିରଫ କରାଯାଇଛି। ଏହି ଭଳି ମୋଟ ୫୪୮ ଜଣ ଚୋରା ବିଦେଶୀ ମଦ ବିକ୍ରୟ କରି ଗିରଫ ହୋଇଛନ୍ତି। ତଥାପି ଏହି କାରବାର ଥମୁନାହିଁ। ଏ ସମ୍ପର୍କରେ ଅବକାରୀ ସୁପରିଟେଣ୍ଡେଣ୍ଟ ଦେବାଶିଷ ପଟେଲଙ୍କୁ ପ୍ରଶ୍ନ କରିବାରୁ ସେ କୁହନ୍ତି, ଅବକାରୀ ବିଭାଗ ପକ୍ଷରୁ ପ୍ରତି ମାସରେ ପଞ୍ଜିକୃତ ମଦ ଦୋକାନ ଗୁଡ଼ିକୁ ଯାଞ୍ଚ କରାଯାଉଛି।

## ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଡାକ୍ତରଙ୍କ ପ୍ରସାଦ ସେବା

କଟକ, ୧୧।୫(ସମିସ): କୁଜଙ୍ଗ ଜଗନ୍ନାଥପୁର ସ୍ଥିତ ଶନିଦେବଙ୍କ ପୀଠରେ ଚଳିତବର୍ଷ ଶନିଦେବଙ୍କ ଜନ୍ମୋତ୍ସବ ସହ ଦ୍ୱାଦଶତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଲିଟୁ ଦାସ ଯଜ୍ଞ କର୍ତ୍ତା ଭାବେ କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ ଶନି ମନ୍ଦିରର ପ୍ରମୁଖ ପରିଚାଳକ ସୁରେଶ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁଲିସ, ପ୍ରଶାସନ ଏବଂ ଜନସାଧାରଣ ସହଯୋଗ କରିଥିଲେ। ଶ୍ରଦ୍ଧାଳୁଙ୍କ ଭିଡକୁ ଲକ୍ଷ୍ୟ କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଚିକିତ୍ସିକ ଡାକ୍ତର ଶିବ ପ୍ରସାଦ ସେଠୀଙ୍କ ପକ୍ଷରୁ ୧୦ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଏଥିରେ ଯୁବ ସମାଜସେବୀ ପ୍ରଭାତ ବେହେରା, ପ୍ରଶାନ୍ତ ମଲ୍ଲିକ, ସୂର୍ଯ୍ୟକାନ୍ତ ରାଉତ, ସାରଦା ପ୍ରସନ୍ନ ନାୟକ ଓ ହାପି ସହଯୋଗ କରିଥିଲେ। ଡାକ୍ତର ସେଠୀ ପୂର୍ବରୁ ଅନେକ ସାମାଜିକ କାର୍ଯ୍ୟ କରି ଚର୍ଚ୍ଚାକୁ ଆସିଛନ୍ତି। ନିଜ ଦରମା ଟଙ୍କାରୁ ଶତାଧିକ ଯକ୍ଷ୍ମା ରୋଗୀଙ୍କୁ ନିଃଶୁଳ୍କରେ ସୁଷମ ଓ ପୁଷ୍ଟିକର ଖାଦ୍ୟ ଯୋଗାଇ ଆସୁଛନ୍ତି। ତାଙ୍କର ଏଭଳି ମହତ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ପ୍ରଶଂସା କରାଯାଉଛି।



## ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶଙ୍କ ଶକ୍ତି ପ୍ରଦର୍ଶନ





କଟକ, ୧୧।୫(ସମିସ): ପଦଯାତ୍ରା ମାଧ୍ୟମରେ ଆଜି ବାରବାଟୀ କଟକ ନିର୍ବାଚନ ମଣ୍ଡଳୀରେ ଶକ୍ତି ପ୍ରଦର୍ଶନ କରିଛନ୍ତି ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା। ଆଜି ଗୋଟିଏ ଦିନରେ ୩ ଟି ୱାର୍ଡରେ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ହୁଳହୁଳି ଓ ଶଙ୍ଖ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ବିଭିନ୍ନ ୱାର୍ଡ। ପ୍ରଥମେ ୧୬ନଂ ୱାର୍ଡର ଆନନ୍ଦ ଭବନ ଠାରୁ ପଦଯାତ୍ରା ଆରମ୍ଭ ହୋଇ ଗୋରକବର୍ ନିକଟରେ ଶେଷ ହେଇଥିଲା। ସେହିପରି ୩୨ ନଂ ୱାର୍ଡର ବଜ୍ରକବାଟି ରୋଡ଼ର ମାଳିସାହି ସ୍ଥିତ ପୂଜା ମଣ୍ଡପରୁ ବାହାରି ଥିଲା ପଦଯାତ୍ରା। ୩୩ ନଂ ୱାର୍ଡର ଥୋରିଆ ସାହି ସ୍ଥିତ ମ୍ୟୁନିସିପାଲିଟି କଲୋନୀରୁ ଠାରୁ ପଦଯାତ୍ରା ବାହାରି ୱାର୍ଡର ବିଭିନ୍ନ ସାହି ପରିକ୍ରମା କରିଥିଲା। ପ୍ରତିଟି ୱାର୍ଡରେ ପଦଯାତ୍ରାରେ ଶତାଧିକ ମହିଳା ଓ ଯୁବକମାନେ ସାମିଲ ହୋଇ ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସପକ୍ଷରେ ମତଦାନ ପାଇଁ ନିବେଦନ କରିଥିଲେ। ଏହି ବିଶାଳ ପଦଯାତ୍ରାରେ ମେୟର ସୁବାଷ ସିଂ, ପୂର୍ବତନ ଓସିଏ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଆ ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ, ଜିଲ୍ଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ବେହେରା, ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ମହିଳା ନେତ୍ରୀ ଶର୍ମିଷ୍ଠା ନାଟିଆ, ୩୨ନଂ ୱାର୍ଡ କର୍ପୋରେଟର ପ୍ରଦୀପ କୁମାର ସାହୁ, ୧୬ ନଂ ୱାର୍ଡ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ୩୩ ନଂ ୱାର୍ଡ ୱାର୍ଡ଼ କର୍ପୋରେଟର କେ. ଜେଡ ଆଫ୍ରିନ, ୱାର୍ଡ ସଭାପତି ଚିତ୍ତରଞ୍ଜନ ସାମନ୍ତରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ଅପର୍ଣ୍ଣା ଦାସ, ପୂର୍ବତନ କର୍ପୋରେଟର ରମଜାନ ଖାନ, ମହିଳା ନେତ୍ରୀ ଭାରତୀ ଦାସ, ୱାର୍ଡ଼ ଛାତ୍ର ସଭାପତି ଅବଦୁଲ ରେହାନ, ଯୁବନେତା ଶେଖ କଲିମ, ଜନ୍ମେଜୟ ମହାନ୍ତି, ଅଭୟ ମହାନ୍ତି ଏବଂ ମହମ୍ମଦ ଆକ୍ରମ, ୱାର୍ଡ ସଭାପତି ସମ୍ପୂର୍ଣ୍ଣା ନନ୍ଦ ନାଟିଆ, ବିଜୁ ଜନତା ଦଳର ରାଜ୍ୟ, ୱାର୍ଡ଼ ଛାତ୍ର ସଭାପତି ଅନିଲ କୁମାର ମହାନ୍ତି, ୱାର୍ଡ ଯୁବ ସଭାପତି ରିଆଜ ମହମ୍ମଦ, ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ସୋହେବ ମହମ୍ମଦ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ କର୍ପୋରେଟର ମନୋଜ ସେଠି ଏବଂ ଡ଼କ୍ଟର ମହମ୍ମଦ ଆୟୁବ, ୱାର୍ଡ ସଭାପତି ଅମରେନ୍ଦ୍ର ସାହୁ, ବିଜୁ ଜନତା ଦଳର ୱାର୍ଡ଼ ଛାତ୍ର ସଭାପତି ଚନ୍ଦନ ବାରିକ, କାଞ୍ଚନବାଳା ନାୟକ, ୱାର୍ଡ ଯୁବ ସଭାପତି ବିଶ୍ୱନାଥ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## କଟକର ଉନ୍ନତି ଲକ୍ଷ୍ୟରେ ସଂତୃପ୍ତଙ୍କ ବିଚାରପତ୍ର 'ମୋ କଟକ' ଉନ୍ମୋଚିତ

# ସଂସଦୀୟ କ୍ଷେତ୍ର ପାଇଁ ଯୋଜନାର ନକ୍ସା

କଟକ, ୧୧।୫(ସମିସ)






କଟକ ଲୋକସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ହୋଇଥିବା ଡ. ସଂତୃପ୍ତ ମିଶ୍ରଙ୍କ ପକ୍ଷରୁ ଆଜି ବିଚାରଧାରାର ଇସ୍ତାହାର ବା ବିଚାରପତ୍ର ମୋ କଟକ ଉନ୍ମୋଚିତ ହୋଇଛି। କଟକ ସାରଳା ଭବନ ଠାରେ ଆୟୋଜିତ ଏହି ଉନ୍ମୋଚନ ଉତ୍ସବରେ ଅବସରରେ ସଂତୃପ୍ତ ମିଶ୍ର ଯୋଗଦେଇ ତାଙ୍କର ବିଚାରପତ୍ର ଉପରେ ବିବରଣୀ ଉପସ୍ଥାପନ କରିଥିଲେ। ବିଜୁ ଜନତା ଦଳର ଐତିହାସିକ ନିର୍ବାଚନୀ ଇସ୍ତାହାର ଦ୍ୱାରା ଅନୁପ୍ରେରିତ ତାଙ୍କର ଏହି ବିଚାରପତ୍ର। ତେବେ ଏହି ବିଚାରପତ୍ର ପ୍ରତିଶ୍ରୁତି ନୁହେଁ ବରଂ କଟକ ସଂସଦୀୟ କ୍ଷେତ୍ରର ଉନ୍ନତି ଲକ୍ଷ୍ୟରେ ପ୍ରସ୍ତୁତ ହୋଇଥିବା ଯୋଜନାର ନକ୍ସା ବୋଲି କହିଛନ୍ତି ଶ୍ରୀ ମିଶ୍ର। ମୋ କଟକ ବିଚାରପତ୍ର ମୁଖ୍ୟତଃ ଅର୍ଥନୈତିକ ନବକଳେବର, ବୌଦ୍ଧିକ ବିସ୍ତାର, ସାଂସ୍କୃତିକ ପୁନଃକଳ୍ପନା ଓ ସର୍ବୋପରି ସମୃଦ୍ଧ କଟକ ଉପରେ ପର୍ଯ୍ୟବେସିତ ହୋଇଛି। ସାଂସ୍କୃତିକ ଓ ବୌ÷ଦ୍ଧିକ ଆଲୋଚନା ପାଇଁ ବିଶ୍ୱସ୍ତରୀୟ କଟକ କନଭେନସନ କେନ୍ଦ୍ର, ବାଲିଯାତ୍ରା ବେଳେ ଅନ୍ତର୍ଜାତୀୟ ଖାଦ୍ୟ ଓ ସଙ୍ଗୀତ ମହୋତ୍ସବ ଉଭୟ କଟକ ଓ ଇଣ୍ଡୋନେସିଆରେ କରାଯିବା ସହ ସଂଗ୍ରହାଳୟ କଟକ ଅନୁଭୂତି କେନ୍ଦ୍ର ନିର୍ମାଣର ପରିକଳ୍ପନା କରାଯାଇଛି। କଟକ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ୭ବିଧାନସଭା କ୍ଷେତ୍ର ପାଇଁ ଆଗାମୀ ଯୋଜନା ସମ୍ପର୍କରେ ଡ. ମିଶ୍ର ଉଲ୍ଲେଖ କରିଛନ୍ତି। ଆଠଗଡ଼ ପାଇଁ ଉତ୍ପାଦନ କ୍ଲଷ୍ଟର, କୃଷି ଓ ବୟନଶିଳ୍ପ ଭିତ୍ତିକ ଦକ୍ଷତା କେନ୍ଦ୍ର ସ୍ଥାପନ, ପନିପରିବା ଓ ମାଛ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସେହିପରି ବଡମ୍ବାରେ ବୁଣାକାରଙ୍କୁ ବଜାର ସୁବିଧା ଯୋଗାଇବା ସହ କଞ୍ଚାମାଲ ଉପଲବ୍ଧ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ଓ ବାଙ୍କୀ ପାଇଁ ଅଧିକ ସେତୁ ନିର୍ମାଣ ସହ ପର୍ଯ୍ୟଟକଙ୍କ ପାଇଁ ଲେକ ଜେନେଭା ଭଳି ଅଂଶୁପାର ରୂପାନ୍ତରଣ ପାଇଁ ଯୋଜନା ରଖାଯାଇଛି। ବାରବାଟୀ-କଟକ ପାଇଁ ସାର୍ବଜନିନ ପାର୍କିଂ, ପ୍ରଯୁକ୍ତି ଆଧାରିତ ଡ୍ରେନେଜ, ବିକାଶମୂଳକ କାମକୁ ଆଗେନେବା ପାଇଁ ସାଂସଦ, ବିଧାୟକ, ମେୟର ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସହଭାଗୀ ମଞ୍ଚ କରିବା ପାଇଁ ଯୋଜନା ରହିଛି। ଚୌଦ୍ୱାରରେ ବିଶ୍ୱସ୍ତରୀୟ ଲଜିଷ୍ଟିକ ଓ ପଣ୍ୟଗାର ପ୍ରତିଷ୍ଠା ଓ ଚୌଦ୍ୱାର ଏମଏସଏମଇ କେନ୍ଦ୍ର ପ୍ରତିଷ୍ଠା ଓ ସଦରରେ ଖାଦ୍ୟପ୍ରକ୍ରିୟାକରଣର ହବ୍ ସହ ଦୁଇଟି ଇଣ୍ଡୋର ଷ୍ଟାଡିୟମ, ବିଶାଳ ଟ୍ରକ ପାର୍କିଂ ସ୍ଥାନ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଖଣ୍ଡପଡ଼ାରେ ମଧ୍ୟ ଅନୁରୂପ ଯୋଜନା ସହ ପଠାଣି ସାମନ୍ତ ଜାତୀୟ ସ୍ମାରକୀ ଓ ପର୍ଯ୍ୟବେକ୍ଷଣ କେନ୍ଦ୍ର ଏବଂ ନରସିଂହପୁର-ଖଣ୍ଡପଡ଼ାକୁ ସେତୁ ସଂଯୋଗୀକରଣକୁ ଉକ୍ତ ବିଚାରପତ୍ରରେ ପ୍ରାଧାନ୍ୟ ଦିଆଯାଇଛି। ଏହି ଉନ୍ମୋଚନ ଉତ୍ସବରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଆଠଗଡ଼ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ମେୟର ସୁବାସ ସିଂହ, ବଡମ୍ବା ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର, ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ, ନଗର ବିଜେଡି ସଭାପତି ମଧୁସୂଦନ ସାହୁ ପ୍ରମୁଖ ଲୋକସଭା ପ୍ରାର୍ଥୀ ସଂତୃପ୍ତଙ୍କ ନିଆରା ଚିନ୍ତାଧାରାକୁ ପ୍ରଶଂସା କରିବା ସହ କଟକର ବିକାଶ ପାଇଁ ତାଙ୍କୁ ଜୟଯୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଶୋକ ବଳ ଓ ଧନ୍ୟବାଦ ଅର୍ପଣ କରିଥିଲେ ଭବାନୀ ମହାନ୍ତି।

## ରେଳ ଷ୍ଟେସନ୍‌ରୁ ୪୯ ଶିଶୁ ଉଦ୍ଧାର

କଟକ, ୧୧।୫(ସମିସ): କଟକ ରେଳ ଷ୍ଟେସନରୁ ପୁଣି ବେଆଇନ ଭାବେ ଚାଲାଣ ହେଉଥିବା ୪୯ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଆରପିଏଫ ଶିଶୁଙ୍କୁ ଚାଇଲ୍ଡ ଲାଇନ ଜିମା ଦିଆଯାଇଛି। ଗତକାଲି ସନ୍ଧ୍ୟାରେ ଆରପିଏଫ୍ ସ୍କ୍ୱାଡ୍ ପାଟ୍ରୋଲିଂ କରୁଥିବା ସମୟରେ ଷ୍ଟେସନ୍‌ର ୧ ନଂ ପ୍ଲାଟଫର୍ମରେ ୪୯ ଜଣ ଶିଶୁ ବସିଥିଲେ। ସମସ୍ତଙ୍କ ବୟସ ୬ରୁ ୧୨ ବର୍ଷ ମଧ୍ୟରେ ହେବ। ପଚରାଉଚରା କରିବାରୁ ଶିଶୁମାନେ କିଛି କହିପାରିନଥିଲେ। ଶିଶୁଙ୍କୁ ଧରି ଆସିଥିବା ବ୍ୟକ୍ତି ଜଣକ ମଧ୍ୟ କୌଣସି ସଠିକ ଉତ୍ତର ଦେଇ ପାରିନଥିଲେ। ତେଣୁ ଶିଶୁମାନଙ୍କୁ ଆରପିଏଫ ପୋଷ୍ଟର ମହିଳା ଓ ଶିଶୁ ସହାୟତା କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରିବାରୁ ଜଣାପଡ଼ିଥିଲା ଯେ, ବିହାର ଆରଡିଆ ଜିଲ୍ଲାରୁ ଧଉଳୀ ଏକ୍ସପ୍ରେସ ଟ୍ରେନରେ ଏହି ଶିଶୁମାନେ ଆସିଛନ୍ତି। କେନ୍ଦ୍ରାପଡ଼ାର ଏକ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଇବା ଉଦ୍ଦେଶ୍ୟରେ ଏମାନଙ୍କୁ ଅଣାଯାଇଛି। ଚାଇଲ୍ଡ ଲାଇନ ସୂଚନା ପାଇ ତନାଘନା ଆରମ୍ଭ କରିଛନ୍ତି। କୌଣସି କାଗଜପତ୍ର ବିନା ଏହି ଶିଶୁଙ୍କୁ ବିହାରରୁ ଚାଲାଣ ହେଉଥିବା ଜଣାପଡ଼ିଛି। ଶିଶୁଙ୍କୁ ଚାଇଲ୍ଡ ଲାଇନ ଜିମା ଦିଆଯାଇଥିଲା ବେଳେ ଏଜେଣ୍ଟଙ୍କୁ ଅଟକ ରଖି ପଚରାଉଚରା କରାଯାଇଛି।

## ଓଡ଼ିଶା ଗୃହନିର୍ମାଣ ସଂସ୍ଥାର କଟକ ଶାଖା ସ୍ଥାନାନ୍ତର ମସୁଧାକୁ ବିରୋଧ

କଟକ, ୧୧।୫(ସମିସ): ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟଗୁଡ଼ିକ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରିବା ପ୍ରୟାସକୁ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ନିନ୍ଦା କରାଯାଇଛି। ଏହି କ୍ରମରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର କଟକର ଅରୁଣୋଦୟ ମାର୍କେଟ ପରିସରସ୍ଥିତ ଆଞ୍ଚଳିକ ଶାଖା କାର୍ଯ୍ୟାଳୟକୁ ଆସନ୍ତା ୨୬ ତାରିଖ ସୁଦ୍ଧା ଭୁବନେଶ୍ୱରର ଡୁମୁଡୁମାକୁ ଉଠାଇ ନେବା ପାଇଁ ସମ୍ପୃକ୍ତ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିବା ନେଇ ନାଗରିକ ମହାସଭା ପକ୍ଷରୁ ଅଭିଯୋଗ କରାଯାଇଛି। ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଦର୍ଶାଇଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟଗୁଡ଼ିକ କଟକରୁ ରାଜଧାନୀ ଭୁବନେଶ୍ୱରକୁ ଇତି ମଧ୍ୟରେ ସ୍ଥାନାନ୍ତର କରାଯାଇସାରିଛି। ତେବେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଶାଖାକୁ ଭୁବନେଶ୍ୱର ସ୍ଥାନାନ୍ତର ପାଇଁ ଏବେ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି, ତାହାଦ୍ୱାରା ସଂସ୍କୃତି ସମ୍ପନ୍ନ ଐତିହାସିକ କଟକର ସହର ଗୁରୁତ୍ୱ ହରାଇବାକୁ ଯାଉଛି ବୋଲି ସେ କହିଛନ୍ତି। ଏହି ଶାଖା ଅଧିନରେ କଟକ ଓ ଏହାର ନିକଟବର୍ତ୍ତୀ ୧୦ ଜିଲ୍ଲାର ଅଧିବାସୀ ନିର୍ଭରଶୀଳ। ଯଦି ଏହାକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଏ, ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ଅଧିବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ନିଜ ନିଜର କାର୍ଯ୍ୟ ପାଇଁ ସେମାନଙ୍କୁ ଅଯଥାରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ବୋଲି ନାଗରିକ ମହାସଭାର ସଭାପତି ଡାକ୍ତର ସାହୁ ଦର୍ଶାଇଛନ୍ତି। ଏହି ନିଷ୍ପତ୍ତିକୁ ସ୍ଥାନୀୟ ଜନସାଧାରଣଙ୍କର ସ୍ୱାର୍ଥ ଦୃଷ୍ଟିରୁ ବାତିଲ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି।

## କଂଗ୍ରେସ ବିଧାୟିକା ପ୍ରାର୍ଥୀ ସୋଫିଆଙ୍କ ପ୍ରଚାର



କଟକ, ୧୧।୫(ସମିସ): ବାରବାଟୀ-କଟକ ବିଧାନସଭା ପାଇଁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷର ସୋଫିଆ ଫିର୍ଦୋଷ ଆଜି ପୂର୍ବାହ୍ନରେ ବିଧାୟକ ତଥା ତାଙ୍କର ପିତା ମହମ୍ମଦ ମୋକିମ୍‌ଙ୍କ ସହିତ ମହାନଗର ନିଗମ ଅନ୍ତର୍ଗତ ୨୧ ନମ୍ବର ୱାର୍ଡ୍‌ରେ ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ ପଦଯାତ୍ରାରେ ୱାର୍ଡର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ୱାର୍ଡ ଅଞ୍ଚଳର ବିଭିନ୍ନ ପୂଜା କମିଟି ଓ ସାହି ମୁରବିମାନେ ଏଥିରେ ସାମିଲ୍ ହୋଇଥିଲେ। ଏହି ଅବସରଗ୍ରର ୱାର୍ଡ କଂଗ୍ରେସ କମିଟି ପକ୍ଷରୁ ଏକ ନିର୍ବାଚନୀ କାର୍ଯ୍ୟାଳୟର ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ପୂର୍ବତନ କର୍ପୋରେଟର ଗୌରୀ ଦାସ, ସାବିତ୍ରୀ ନାୟକ, ଅନିଲ ନାୟକ, ସନ୍ତୋଷ ବଳ, ପଲ୍ଲବୀ ଘୋଷ ପ୍ରମୁଖ ଯୋଗ ଦେଇଥିଲେ।

# ଏସ୍‌ସିବିରେ ଇସିଜି ଷ୍ଟାଫ୍ ସଙ୍କଟ: ରୋଗୀ ହନ୍ତସନ୍ତ

କଟକ, ୧୧।୫(ସମିସ)




**ଇସିଜି ପାଇଁ ୱାର୍ଡରେ ଘଣ୍ଟା ଘଣ୍ଟା ପଡ଼ି ରହୁଛନ୍ତି ରୋଗୀ**

**ଡାକ୍ତରଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି: ଦୈନିକ ୫୦୦ରୋଗୀଙ୍କ ଇସିଜିରେ ହେଉଛି ବିଳମ୍ବ**

ଏସ୍‌ସିବି ମେଡିକାଲରେ ଇଲେକ୍ଟ୍ରୋକାର୍ଡିଓଗ୍ରାମ୍ ବା ଇସିଜିକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୯ ତାରିଖରେ ଜଣେ ଘରୋଇ ଟେକ୍ନିସିଆନ୍ ୱାର୍ଡରେ ମଧ୍ୟରେ ପଶି ଜଣେ ରୋଗୀଙ୍କ ଇସିଜି କରୁଥିବା ବେଳେ ମଙ୍ଗଳାବାଗ ଥାନା ପୁଲିସ ତାଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ରୋଗୀ ସମ୍ପର୍କୀୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ଏସ୍‌ସିବିର ବାସ୍ତବ ସ୍ଥିତିକୁ ଲକ୍ଷ୍ୟ କଲେ ଜଣାପଡ଼ିଛି ଯେ, ଇସିଜି ଷ୍ଟାଫ୍ ସଙ୍କଟ କାରଣ'ରୁ ବିଭିନ୍ନ ୱାର୍ଡରେ ଦୈନିକ ୫୦୦ରୁ ଅଧିକ ରୋଗୀ ଇସିଜି ପରୀକ୍ଷା କରାଇବାରେ ଯଥେଷ୍ଟ ବିଳମ୍ବ ଘଟୁଛି। ଯାହାଫଳରେ ସମ୍ପୃକ୍ତ ରୋଗୀମାନଙ୍କ ଚିକିତ୍ସା ସେବା ଅଧାରେ ଅଟକୁଛି। ବାଧ୍ୟ ହୋଇ ରୋଗୀ ସମ୍ପର୍କୀୟମାନେ ବାହାରୁ ଇସିଜି ଟେକ୍ନିସିଆନ୍‌ଙ୍କୁ ଆଣି କାମ ଚଳାଉଛନ୍ତି। ଏଭଳି ପରିସ୍ଥିତିରେ ବାହାର ଇସିଜି ଟେକ୍ନିସିଆନ୍‌ଙ୍କୁ ଧରି ଗିରଫ କରିବା ପରେ ୨ଦିନ ହେବ ଇସିଜି କାର୍ଯ୍ୟ ବନ୍ଦ ହୋଇଯାଇଛି। ଅନ୍ୟପକ୍ଷରେ ମାତ୍ର ୭ଜଣ ଇସିଜି ଟେକ୍ନିସିଆନ୍ କାର୍ଡିଓଲୋଜି, ନନ୍‌ଟ୍ରମା କାଜୁଆଲଟି ଏବଂ ମେଡିସିନ୍ କାଜୁଆଲଟିରେ କାର୍ଯ୍ୟରତ। ହେଲେ ଅନ୍ୟ ସମସ୍ତ ୱାର୍ଡରେ ଇସିଜି ଟେକ୍ନିସିଆନ୍ ନିଯୁକ୍ତି କରାଯାଇ ପାରି ନାହିଁ। ଏଭଳି ପରିସ୍ଥିତିରେ ଏସସିବି ମେଡିକାଲରେ ଅଧିକରୁ ଅଧିକ ଇସିଜି ଟେକ୍ନିସିଆନ୍ ଆବଶ୍ୟକ ହେଉଥିବା ନଜରକୁ ଆସିଛି।

ଅନ୍ୟପକ୍ଷରେ ହୃଦରୋଗୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ବ୍ୟବସ୍ଥା ହେଉଛି ଇଲେକ୍ଟ୍ରୋକାର୍ଡିଓଗ୍ରାମ ତଥା ଇସିଜି। ଛାତିରେ ଯନ୍ତ୍ରଣା ଅନୁଭବ କରି ମେଡ଼ିକାଲକୁ ଆସୁଥିବା ପ୍ରତ୍ୟେକ ରୋଗୀର ପ୍ରଥମେ ଇସିଜି କରାଯିବା ବାଧ୍ୟତାମୂଳକ। ହେଲେ ଏସ୍‌ସିବି ମେଡ଼ିକାଲରେ ଟେକ୍ନିସିଆନଙ୍କ ଅଭାବ ଯୋଗୁଁ ଇସିଜି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇ ପଡ଼ିଲାଣି ବୋଲି ଅଭିଯୋଗ ଉଠୁଛି। ବର୍ଷାନୁକ୍ରମେ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ହେଲେ ଇସିଜି ଷ୍ଟାଫ ବଢ଼ାଯାଉନାହିଁ। ଏସସିବିର ଇସିଜି ଷ୍ଟାଫଙ୍କ ଉପରେ କାର୍ଯ୍ୟଭାର ଲଦି ହୋଇ ପଡ଼ୁଛି। ଏତଦବ୍ୟତୀତ ନିଯୁକ୍ତ ହୋଇଥିବା ଇସିଜି ଟେକ୍ନିସିଆନ ଦୀର୍ଘ ୧୧ବର୍ଷ ହେବ କାର୍ଯ୍ୟ କରୁଥିବା ସତ୍ତ୍ୱେ ସେମାନଙ୍କର ଚାକିରୀ ନିୟମିତ କରାଯାଉନାହିଁ।

୨୦୧୧ ମସିହାରେ ପ୍ରଥମଥର ନିମନ୍ତେ ଇସିଜି ଟେକ୍ନିସିଆନ ନିଯୁକ୍ତି କରାଯାଇଥିଲା। କାଜୁଆଲିଟି ନିମନ୍ତେ ୪ଜଣ ଟେକ୍ନିସିଆନ ନିଯୁକ୍ତି ପାଇଥିଲେ। ସେତେବେଳେ ଟ୍ରମା ଓ ନନଟ୍ରମା କାଜୁଆଲିଟି ଗୋଟିଏ କୋଠାରେ କାର୍ଯ୍ୟ କରୁଥିଲା। ଏଣୁ ସିଫ୍ଟ ଅନୁଯାୟୀ ଡ୍ୟୁଟି କରୁଥିବା ଇସିଜି ଟେକ୍ନିସିଆନ ସହଜରେ ରୋଗୀଙ୍କ ଇସିଜି ପରୀକ୍ଷା କରୁଥିଲେ। ହେଲେ ଗତବର୍ଷ ଠାରୁ ଟ୍ରମା ଓ ନନଟ୍ରମା କାଜୁଆଲିଟି ପୃଥକପୃଥକ ଭାବେ ଦୁଇଟି ସ୍ଥାନରେ କାର୍ଯ୍ୟ କରୁଛି। ଗୋଟିଏ ସିଫ୍ଟରେ ଜଣେ ଟେକ୍ନିସିଆନ ଏକ ସଙ୍ଗରେ ଦୁଇଟି କାଜୁଆଲିଟିକୁ ଯାଇ ଇସିଜି କରିବା ସମ୍ଭବପର ହେଉ ନାହିଁ। ଅନ୍ୟପକ୍ଷରେ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭାବେ ପରିଚିତ ସିଟି ହସ୍ପିଟାଲରେ ମଧ୍ୟ ଇସିଜି ବ୍ୟବସ୍ଥା ନାହିଁ। ଯେଉଁଥିପାଇଁ ସେଠାରୁ ରୋଗୀ କେବଳ ଇସିଜି କରାଇବା ନିମନ୍ତେ ବଡ଼ ମେଡ଼ିକାଲକୁ ଆସୁଛନ୍ତି। ସ୍ୱାସ୍ଥ୍ୟ ବିକାଶ ଯୋଜନା ବଳରେ ଏସ୍‌ସିବି ହୃଦରୋଗ ବିଭାଗରେ ୩ଜଣ ଇସିଜି ଟେକ୍ନିସିଆନଙ୍କୁ ନିଯୁକ୍ତି ମିଳିଛି। ଏଠାରେ ମଧ୍ୟ ସମାନ ଅବସ୍ଥା। ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏମାନେ ସିଫ୍ଟ ଅନୁସାରେ ଡ୍ୟୁଟି କରୁଛନ୍ତି। ରାତି ୮ଟା ପରେ କୌଣସି ହୃଦରୋଗୀଙ୍କର ଇସିଜି ଆବଶ୍ୟକ ପଡ଼ିଲେ ସେମାନଙ୍କୁ ମଧ୍ୟ କାଜୁଆଲିଟିକୁ ଆଣିବାକୁ ପଡୁଛି। କେତେକ ସ୍ଥଳରେ ହୃଦରୋଗ ବିଭାଗରେ ଡାକ୍ତରମାନେ ରୋଗୀଙ୍କର ଇସିଜି କରୁଥିବା ଜଣାପଡ଼ିଛି। ବିଭିନ୍ନ ୱାର୍ଡ଼ରେ ରୋଗୀଙ୍କର ଇସିଜି କରିବାକୁ ଡାକ୍ତର ପରାମର୍ଶ ଦେଲେ ସେମାନଙ୍କ ପରୀକ୍ଷା କରାଇବା ପାଇଁ ଘରୋଇ କେନ୍ଦ୍ରର ଟେକ୍ନିସିଆନଙ୍କୁ ଡକାଯାଉଛି। ଜଣେ ରୋଗୀ ପିଛା ୫୦ ଟଙ୍କା ଲେଖାଏ ନେଉଛନ୍ତି। ଟେକ୍ନିସିଆନ ସଂଖ୍ୟା ବଢ଼ା ନଯିବାରୁ କାମ ଚାପ ବୃଦ୍ଧି ପାଉଥିବା ଅଭିଯୋଗ ଉଠିଛି।

# ଗୁଡ୍ ମର୍ଣ୍ଣିଂ ଓଡ଼ିଶା



# ଜିଆରୁ ଜୀବିକା

ଅଧିକ ଫସଲ ଆଶାରେ ଏବେ କୃଷକମାନେ ଜମିରେ ରାସାୟନିକ ଖତ ଓ କୀଟନାଶକ ବ୍ୟବହାର କରୁଛନ୍ତି । ତେବେ ଏଥିଯୋଗୁଁ ପରିବେଶ ପ୍ରଦୂଷିତ ହେଉଛି । କେବଳ ସେତିକି ନୁହେଁ; ଏଭଳି ଖାଦ୍ୟ ଖାଇବା ଦ୍ୱାରା ମନୁଷ୍ୟ ଅନେକ ରୋଗରେ ଆକ୍ରାନ୍ତ ହେଉଛନ୍ତି । କିନ୍ତୁ ଜୈବିକ କୃଷି ମାଧ୍ୟମରେ ଉତ୍ପାଦିତ ଫସଲ ସ୍ୱାସ୍ଥ୍ୟପ୍ରତି ହିତକର ହୋଇଥିବାରୁ ଏବେ କିଛି ଚାଷୀ ଜୈବିକ ପଦ୍ଧତିରେ ଚାଷ କରିବାକୁ ଗୁରୁତ୍ୱ ଦେଉଛନ୍ତି । ତନ୍ମଧ୍ୟରୁ ସଅଳ ଓ ସହଜରେ ପ୍ରସ୍ତୁତ ହେଉଥିବା ଜୈବିକ ଓ ଉନ୍ନତ ପୋଷକତତ୍ତ୍ୱଯୁକ୍ତ ଖତ ହେଉଛି ଜିଆଖତ (ଭର୍ମିକମ୍ପୋଷ୍ଟ) । ବିଭିନ୍ନ ବର୍ଜ୍ୟବସ୍ତୁରୁ ଜିଆଖତ ଖୁବ୍ କମ୍ ସମୟରେ ପ୍ରସ୍ତୁତ ହେବା ସହ ଏଥିପାଇଁ ଅଧିକ ଅର୍ଥର ଆବଶ୍ୟକ ପଡ଼େ ନାହିଁ । ଗ୍ରାମାଞ୍ଚଳରୁ ସହରାଞ୍ଚଳ ଯାଏଁ ଚାଷୀ, ଉଦ୍ୟୋଗୀ ତଥା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଜିଆଖତ କରି ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାରର ବାଟ ଦେଖାଇଛନ୍ତି ।

ଉପସ୍ଥାପନା: ଅନୁରାଧା ବାରିକ

ଜିଆ ଦ୍ୱାରା ମିଳୁଥିବା ମଳ ତଥା ପଦାର୍ଥକୁ ଭର୍ମିକମ୍ପୋଷ୍ଟ ବା ଜିଆଖତ କୁହାଯାଏ । ଜିଆଖତରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସିୟମ, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ, ଲୌହ, ସଲ୍‌ଫର, ପଟାସ୍ ଆଦି ତତ୍ତ୍ୱ ଥିବାରୁ ଏହାର ବ୍ୟବହାର ଦ୍ୱାରା ଭଲ ଫସଲ ହୋଇଥାଏ ।

## ପରିବେଶ ଅନୁକୂଳ

ଜିଆଖତ ମାଟିର ଜଳଧାରଣ, ବାୟୁଚଳାଚଳ ଓ ମାଟିର ଉର୍ବରତା ବୃଦ୍ଧି କରି ଗଛ ବୃଦ୍ଧିରେ ସହାୟକ ହୁଏ । ଏହା ମାଟିକୁ ହାଲୁକା କରିଥାଏ । ସାଧାରଣତଃ ଖତଠାରୁ ଜିଆଖତରେ ୭ ଗୁଣ ଅଧିକ ଖାଦ୍ୟସାର ଥାଏ । ବିଭିନ୍ନ ଅଦରକାରୀ ପଦାର୍ଥକୁ ଜିଆ ମାଟିରେ ଶଢ଼ାଇ ଖତରେ ପରିଣତ କରୁଥିବାରୁ ଏହା ପରିବେଶ ଅନୁକୂଳ । ଜିଆଖତ ଉତ୍ପାଦନ, ପରିବହନ ଓ ସାଇତି ରଖିବା ବେଶ୍ ସହଜ । ଏହି ଖତରେ ଥିବା ବିଭିନ୍ନ ପ୍ରକାର ହ୍ୟୁମିକ୍ ଏସିଡ୍, ପତ୍ର ଓ ଫୁଲ ଆକାର ବଢ଼ାଇବାରେ ସାହାଯ୍ୟ କରେ ।







## ଜିଆ କେଜିକୁ ପାଞ୍ଚଶହ



ଗ୍ରାହକଙ୍କ ଚାହିଦା ଦେଖି କେଜିକିଆ ପ୍ୟାକେଟ୍, ୫ କେଜିଆ ପ୍ୟାକେଟ୍ ଏବଂ ୫୦ କେଜିଆ ପ୍ୟାକେଟ୍ ରହିଛି । ସରକାରୀ ମୂଲ୍ୟ ହିସାବରେ ଜିଆଖତ କେଜି ପିଛା ୨୦ ଟଙ୍କାରେ ବିକ୍ରି କରାଯାଉଥିବାବେଳେ ୫୦ କେଜି ହେଲେ କେଜି ପିଛା ୯ ଟଙ୍କା ହିସାବରେ ବିକ୍ରି ହୁଏ । ସାଧାରଣତଃ ଜିଆର କେଜି ପିଛା ମୂଲ୍ୟ ୫୦୦ରୁ ୬୦୦ ଟଙ୍କା ମଧ୍ୟରେ ହୋଇଥିବା ବେଳେ ଗ୍ରାମାଞ୍ଚଳର ମହିଳାଙ୍କୁ ବ୍ୟବସାୟିକ ଭିତ୍ତିରେ ଚାଷ ପାଇଁ କେଜି ପିଛା ୨୦୦ ଟଙ୍କାରେ ବିକ୍ରି କରୁଛନ୍ତି ଅନୁଗୁଳ ଜିଲ୍ଲା, ଛେଣ୍ଡିପଦା ବ୍ଲକ୍ ଖମାର ଗାଁ'ର ମନମୋହନ ମହାପାତ୍ର । ଏହି ଜିଆକୁ ସେ ହରିୟାଣାରୁ ଆଣି ବିକ୍ରି କରନ୍ତି । ହରିୟାଣାରୁ ଜିଆଖତ ଚାଷ ପାଇଁ ତାଲିମ ନେଇ ସେ ଏବେ ନିଜ ଗାଁରେ ଏହି ଚାଷ କରିବା ସହ ବ୍ୟବସାୟିକ ଭିତ୍ତିରେ ଏହାକୁ ବିକ୍ରି କରୁଛନ୍ତି । ନର୍ସରୀ, ଟେରେସଗାର୍ଡେନ, ବନ ବିଭାଗ, ସରକାରଙ୍କ ତରଫରୁ ଗଛ ରୋପଣ, ପଲିହାଉସ୍‌ରେ ଚାଷ କରୁଥିବା ଲୋକ ଜିଆଖତ ଉପରେ ଅଧିକ ନିର୍ଭରଶୀଳ । ମାର୍କେଟିଂ ଓ ଯୋଗାଯୋଗ ମାଧ୍ୟମରେ ନିଜସ୍ୱ ବ୍ରାଣ୍ଡ 'ଗ୍ରୀନ୍ ଭାରତ' ଲୋଗୋ ଦେଇ ସେ କଟକ, ଭୁବନେଶ୍ୱର, ସମ୍ବଲପୁର ଆଦି ପ୍ରମୁଖ ସହରକୁ ଜିଆ ଓ ଜିଆଖତ ବିକ୍ରି କରି ମାସକୁ ପ୍ରାୟ ୩୦ରୁ ୪୦ ହଜାର ଟଙ୍କା ରୋଜଗାର କରିପାରୁଥିବା କୁହନ୍ତି ।

## ପରିବା ଓ ଫୁଲକୁଣ୍ଡ ପାଇଁ ବରଦାନ

ଫୁଲକୁଣ୍ଡ ମାଟି ପ୍ରସ୍ତୁତି, ତଳିଘେରା ପ୍ରସ୍ତୁତି, ଫଳ ଉତ୍ପାଦନ, ପାକଶାଳା ବଗିଚା, ଜଙ୍ଗଲ ଗଛ, ପନିପରିବା ଫସଲ, ଫଳବଗିଚା, ତୈଳଜାତୀୟ, ଶସ୍ୟଜାତୀୟ ଫସଲରେ ଗୋବର ଖତ ସହ ଏହାକୁ ମିଶାଯାଇ ମାଟିରେ ପ୍ରୟୋଗ କରାଯାଏ । କୁଣ୍ଡରେ ଲାଗିଥିବା ଗଛ ପାଇଁ ମାସକୁ ଥରେ ମୁଠାଏଁ ଲେଖାଏଁ ଭର୍ମିକମ୍ପୋଷ୍ଟ ପ୍ରୟୋଗ କରାଯାଏ ।





## କେମିତି ହୁଏ ଜିଆଖତ

ଓଡ଼ିଶା ଜଳବାୟୁ ପାଇଁ ଇସିନିଆ ଫଏଟିଡା ପ୍ରଜାତିର ଜିଆଖତ ଭଲ ହୋଇଥାଏ । ସିମେଣ୍ଟ କୁଣ୍ଡ ବା ନନ୍ଦକୁଣ୍ଡରେ ଜିଆଖତ ପ୍ରସ୍ତୁତ କରିବା ସବୁଠାରୁ ସହଜ । ଚଉଡ଼ା ଓ ଲମ୍ବା ନିଜ ସୁବିଧା ହିସାବରେ କଲେ ମଧ୍ୟ ମାଟିଠାରୁ ୩ଫୁଟ ଉଚ୍ଚରେ ଇଟା, ସିମେଣ୍ଟ, ବାଲି ବ୍ୟବହାର କରି ପ୍ରଥମେ କୁଣ୍ଡ ତିଆରି କରାଯାଏ । ସିମେଣ୍ଟ ଚଟାଣ, ପଲିଥିନ୍ କିମ୍ବା ଭର୍ମିଶଯ୍ୟା ବ୍ୟବହାର କରି ପ୍ରଥମ ପରସ୍ତରେ ୨ ଇଞ୍ଚ ବହଳର ଇଟାଗୁଣ୍ଡ ଓ ଛୋଟ ପଥର, ୨ ଇଞ୍ଚ ବହଳ ବାଲି ଓ ୨ ଇଞ୍ଚ ଦୋରସା ମାଟି ବିଛାଇ ଦିଆଯାଏ । ଏହା ଉପରେ ଅଧାଶଢ଼ା ଗୋମୂତ୍ର ଓ ଗୋବର ସହିତ ଅଦରକାରୀ ଅଧାଶଢ଼ା ଜୈବିକ ବର୍ଜ୍ୟବସ୍ତୁ ପକାଇ ୬ ଇଞ୍ଚ ମୋଟେଇ ଅଧାଶଢ଼ା ଖତକୁ ସ୍ତର ସ୍ତର କରି ପକାଯାଏ । ପ୍ରତି ସ୍ତରର କଞ୍ଚା ଗୋବର ପାଣି, ମାଟି ଓ ୨୦୦ ଗ୍ରାମ୍ ନିମପିଡ଼ିଆ ପରସ୍ତ ଦେବା ଦରକାର । ଏହା ଉପରେ ସଦ୍ୟ ଜିଆକୁ ଛାଡ଼ି ଓଦା ଝୋଟ ଅଖାବସ୍ତା ଦେଇ ଢାଙ୍କି ଦିଆଯାଏ । କୁଣ୍ଡକୁ ଛାଇ ସ୍ଥାନରେ ରଖି ଏହା ଉପରେ ଛାଉଣୀ କରିବା ଦରକାର । ଖତରେ ପ୍ଲାଷ୍ଟିକ୍, କାଚ କିମ୍ବା ପଥର ଆଦି ଯେପରି ନ ରହିବ, ସେଥିପ୍ରତି ଧ୍ୟାନ ଦେବା ସହ ଅଖା ଉପରେ ଅଳ୍ପ ପାଣି ଛିଞ୍ଚାଯାଏ । ଅଢ଼େଇରୁ ତିନି ମାସ ପରେ ଉପରମାଟି ଗାଢ଼ ବାଦାମୀ ତଥା ଚା'ପତି ରଙ୍ଗର ହେଲେ, ତାହାକୁ ଛାଇ ସ୍ଥାନରେ ଦେଉଳ ଆକାରରେ ରଖାଯାଏ । ଜିଆଗୁଡ଼ିକ ମାଟି ତଳକୁ ପଳାଇଲେ ଉପର ମାଟିକୁ ବାଲି ଛଣାଜାଲି ୨ ମିମିରେ ଚଳାଇ କୁଟାକାଠି ବାହାର କରି ଏହାକୁ ପ୍ୟାକେଜିଂ କରାଯାଏ । ୧୦୦୦ ବର୍ଗ ମିଟରର ଏକ ୟୁନିଟ୍ ସ୍ଥାପନ କରି ଜଣେ ଚାଷୀ ବର୍ଷକୁ ୨୫ ଟନ୍ ଖତ ଉତ୍ପାଦନ କରିପାରିବେ । ଜିଆକୁ ଜନ୍ଦା ପିମ୍ପୁଡ଼ି ଓ ମୂଷା କବଳରୁ ସୁରକ୍ଷା ଦେବାକୁ ହଳଦୀଗୁଣ୍ଡ ଓ ନିମପିଡ଼ିଆ ପ୍ରୟୋଗ କରିପାରିବେ । ଏକ ଟନ୍ ଜୈବିକ ପଦାର୍ଥକୁ ଜିଆଖତରେ ପରିଣତ କରିବାକୁ ୧ କିଗ୍ରା ଜିଆ ଦରକାର । ଗୋଟିଏ କୁଣ୍ଡରୁ ବର୍ଷକୁ ୪ଥର ଜିଆଖତ ମିଳିଥାଏ ।



## ସଫଳ ଚାଷୀ ଓ ଉଦ୍ୟୋଗୀ

### ଖତ ବିକି ଲକ୍ଷପତି

ଅଧୁନା ମହିଳାମାନେ ଘରକାମ ସହିତ ସମାଜର ପ୍ରତ୍ୟେକ କାର୍ଯ୍ୟରେ ସକ୍ରିୟ ହୋଇ କାମ କରୁଛନ୍ତି । ବିଭିନ୍ନ ଚାଷକାର୍ଯ୍ୟରୁ ଲାଭାନ୍ୱିତ ହୋଇପାରୁଛନ୍ତି । ଏହି କ୍ରମରେ ଛତୁ ଓ ଜିଆଖତ ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ୍ ଫୁଲଧୂଡ଼ି ଗାଁର ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନେ । ଉଜଳପୁର ବନାଞ୍ଚଳର ବାଲିଯୋରି, ମେଘଡେଗା, ଝୁରିମାଲ, ସୁନାଯୋର, ସାଗରପାଲି ଓ ଫୁଲଧୂଡ଼ି ବନ ସୁରକ୍ଷା ସମିତିର ବିଭିନ୍ନ ଏସ୍‌ଏଚ୍‌ଜିର ମହିଳାମାନେ ଜିଆଖତ ଚାଷରୁ ସଫଳତା ହାସଲ କରିଛନ୍ତି । ୨୦୨୩ ମସିହାରେ ସୁନ୍ଦରଗଡ଼ କୃଷି ବିଜ୍ଞାନକେନ୍ଦ୍ରରୁ 'ଓଁ ନମଃ ଶିବାୟ'ର ସଦସ୍ୟା ଭାରତୀ ପୃଷେଠ, ଫୁଲଧୂଡ଼ି ତାଲିମ ନେବା ସହ ବୈଷୟିକ ସହାୟତା ପାଇ ବାଲେଶ୍ୱରରୁ ଜିଆ କିଣି ପାଞ୍ଚଜଣ ମହିଳାଙ୍କ ସହ ଜରି ପକାଇ ଜିଆ ଖତ ଚାଷ କରିଥିଲେ । ପରେ ଏହି ଗ୍ରୁପ୍ ଓ ଜିଲ୍ଲାର ଅନ୍ୟ ମହିଳା ଗୋଷ୍ଠୀ ମିଶି ୪୦ରୁ ୪୫ ମହିଳା ନିଜ ଘରେ ଏକାଧିକ କୁଣ୍ଡ ରଖି ଏହି ଚାଷ କରିଥିଲେ । ଅମଳ ଜିଆଖତକୁ କେଜି ପିଛା ୧୫ ଟଙ୍କାରେ ବିକ୍ରି କରନ୍ତି । ବନବିଭାଗ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ପ୍ରଚେଷ୍ଟାରେ ବଣେଇ ଏବଂ ଦେବଗଡ଼ ବନଖଣ୍ଡକୁ ୫୦୦ କ୍ୱିଣ୍ଟାଲ ଜିଆଖତ ବିକ୍ରୟ, ବିଭିନ୍ନ ବନାଞ୍ଚଳକୁ ୮୦୦ କ୍ୱିଣ୍ଟାଲ ଓ ହର୍ବାଲ ମେଳା ଏବଂ ବିଭିନ୍ନ ବ୍ୟବସାୟୀଙ୍କ ମାଧ୍ୟମରେ ୧୦୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଖତ ସମେତ ଚଳିତ ବର୍ଷ ମୋଟ୍ ୧୪୦୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଜିଆଖତ ବିକ୍ରୟ କରାଯାଇଛି । ଏଥିରୁ ମହିଳାମାନେ ୨୦ ଲକ୍ଷରୁ ଅଧିକ ଟଙ୍କା ଲାଭ ପାଇଛନ୍ତି ବୋଲି ସଭାପତି ଭାରତୀ ପୃଷେଠ କୁହନ୍ତି । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ମାଧ୍ୟମରେ ଆବର୍ତ୍ତନ ପାଣ୍ଠିରୁ ଋଣ ଓ ତାଲିମ ଦିଆଯାଇଛି । ଫୁଲଧୂଡ଼ି ବନ ସୁରକ୍ଷା ସମିତି ସହାୟତାରେ ଛତୁଚାଷ ଓ ଜିଆଖତ ଚାଷରୁ ୫୦ରୁ ଊର୍ଦ୍ଧ୍ୱ ମହିଳା ଲାଭବାନ ହୋଇଛନ୍ତି । ଛତୁଚାଷ ପାଇଁ ବ୍ୟବହୃତ କଟା ନଡ଼ା ବର୍ଜ୍ୟକୁ ଜିଆଖତ ଚାଷରେ ଉପଯୋଗ କରନ୍ତି । ଏଥିରେ ଅଧିକରୁ ଅଧିକ ଜିଆ ଉତ୍ପାଦନ ହୋଇଥାଏ । ଏନେଇ ଭାରତୀ ପ୍ରତିବର୍ଷ ଜିଆଖତ ବିକ୍ରି କରିବା ସହ ମିଶନ ଶକ୍ତି ମହିଳାଙ୍କୁ ଜୈବିକ ପଦ୍ଧତିରେ ଜିଆଖତ ପ୍ରସ୍ତୁତି ତାଲିମ ଦେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ମାର୍କେଟିଂ ପାଇଁ ତାଙ୍କୁ ଉଦ୍ୟାନ ବିଭାଗରୁ 'ମା ଗୃହ ଲକ୍ଷ୍ମୀ' ବ୍ରାଣ୍ଡ ମିଳିଛି । ଜିଆଖତ ପ୍ୟାକେଟ୍ କରି ସେମାନେ ସ୍ଥାନୀୟ ଚାଷୀ, ଫୁଲ ଓ ପରିବା ଚାଷ କରୁଥିବା ବ୍ୟକ୍ତି ଓ ବନବିଭାଗକୁ ବିକ୍ରି କରିଦେଇଥାନ୍ତି ।





### ସାମାଜିକ ଉଦ୍ୟୋଗୀ ପ୍ରଫୁଲ୍ଲ ବିଷୋୟୀ

ଛଅଟି ଗାଁକୁ କରିଛନ୍ତି 'ଜିଆଖତ ଗାଁ'



ଭୁବନେଶ୍ୱର ସାମନ୍ତରାପୁରର ପ୍ରଫୁଲ୍ଲ ବିଷୋୟୀ, ବୟସ ତାଙ୍କୁ ଏବେ ୫୫ ବର୍ଷ । ଏକ ମଲ୍‌ଟି ନେସନ୍ୟାଲ କମ୍ପାନୀରେ ସେ ଚାକିରି କରୁଥିଲେ । ହେଲେ ଆମ ରାଜ୍ୟରେ ଜୈବିକ କୃଷିର ବିକାଶରେ ଜିଆଖତର ଆବଶ୍ୟକତା ଓ ଏହାଦ୍ୱାରା ଲୋକଙ୍କୁ ରୋଜଗାର ଦେବା ଲକ୍ଷ୍ୟରେ ସେ ଚାକିରି ଛାଡ଼ିଥିଲେ । ଆଇଆଇଟି ଦିଲ୍ଲୀର କିଛି ବୈଜ୍ଞାନିକ ଓ ଆସାମର ଜୈବ ବୈଜ୍ଞାନିକ ଦିନେଶ ପାରିକଙ୍କ ପ୍ରେରଣାରେ ୨୦୦୮ ମସିହାରୁ ଓଡ଼ିଶାରେ ଜିଆଖତକୁ ନେଇ ବ୍ୟବସାୟୀକରଣ କରିବା ସହ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବାକୁ କାମ କରୁଛନ୍ତି । ମହିଳା ସ୍ୱୟଂସହାୟକ, ବ୍ୟକ୍ତିଗତ ଉଦ୍ୟୋଗୀଙ୍କୁ ଜିଆଖତ ତାଲିମ ଦେଇ ରୋଜଗାରକ୍ଷମ କରାଇପାରିଛନ୍ତି । ବନ ବିଭାଗ ସହିତ ମିଳିତ ପ୍ରୟାସରେ ସେ କେଉଁଝର, ବଲାଙ୍ଗିର, ସମ୍ବଲପୁର, ରାଉରକେଲା, ବଣାଇ, ଢେଙ୍କାନାଳ, ଅନୁଗୁଳ ଓ ଜୟପୁର, ଆଠମଲ୍ଲିକ ଓ ଗଞ୍ଜାମ ଆଦି ଜିଲ୍ଲାର ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କୁ ଜିଆଖତ ଚାଷ ପାଇଁ ସମସ୍ତ ପ୍ରକାର ଉପକରଣ ଯୋଗାଇ ବୈଷୟିକ ତାଲିମ ସହ ଜିଆଖତର ବିକ୍ରି ସଂଯୋଗୀକରଣ ହୋଇଛନ୍ତି । ଏହାଦ୍ୱାରା ପ୍ରାୟ ୧୦ହଜାର ମହିଳା ଓ ପାଞ୍ଚହଜାର ପରିବାର ଏଥିରୁ ଉପକୃତ ହୋଇଛନ୍ତି । ଚାଷର ପ୍ରସ୍ତୁତି ଠାରୁ ଖତ ଅମଳ ପର୍ଯ୍ୟନ୍ତ ସେ ସମସ୍ତଙ୍କୁ ତାଲିମ ପ୍ରଦାନ କରୁଛନ୍ତି । ୧୦ଟି ଜିଲ୍ଲାରେ ପ୍ରାୟ ପାଖାପାଖି ୫ ହଜାର ଜିଆଖତ ଟାଙ୍କି ଯୋଗାଇ ମାର୍କେଟିଂର ସଂଯୋଗୀକରଣ କରିପାରିଛନ୍ତି । ଥରୁଟିଏ ମାତ୍ର ଚାରି ହଜାର ଟଙ୍କା ଖର୍ଚ୍ଚ କରି ଘରେ ବସି ଅଳ୍ପ ପରିଶ୍ରମରେ ମହିଳା ଏଥିରୁ ବାର୍ଷିକ ୨୫ରୁ ୩୦ ହଜାର ଟଙ୍କା ଯାଏଁ ରୋଜଗାର କରି ନିଜର ପରିବାରର ଆର୍ଥିକ ସହାୟତା ଯୋଡ଼ି ପାରୁଛନ୍ତି । କେନ୍ଦୁଝର ଜିଲ୍ଲାର ବନ ବିଭାଗ ଓ ପ୍ରଫୁଲ୍ଲଙ୍କ ମିଳିତ ସହଯୋଗରେ ମାଇକ୍ରୋ ପ୍ରୋଜେକ୍ଟ ଜରିଆରେ କେଉଁଝର ଜିଲ୍ଲାର ଛ'ଟି ଗାଁକୁ ଜିଆଖତ ଗାଁ ବୋଲି ରୂପାନ୍ତରଣ କରିପାରିଛନ୍ତି । ଏହି ଗାଁର ସମସ୍ତଙ୍କ ଘରେ ଗୋଟିଏରୁ ଦୁଇଟି ଜିଆଖତ କୁଣ୍ଡ ରହିଥାଏ । ପ୍ରଫୁଲ୍ଲ କୁହନ୍ତି, ଅଧିକାଂଶ ମହିଳା ପ୍ୟାକେଟ୍‌ରେ ଜିଆଖତ ଭର୍ତ୍ତି କରି ଏହାକୁ ବିକ୍ରି କରିଥାନ୍ତି । ବୌଦ୍ଧ ଜିଲ୍ଲାର ମହିଳାମାନେ ଅନ୍‌ଲାଇନ୍ ବିକ୍ରି ପାଇଁ ରଙ୍ଗିନ ପ୍ୟାକେଟ୍ କରି ଆମାଜନ୍ ଓ ଫ୍ଲିପ୍‌କାର୍ଟରେ କେଜି ପିଛା ୫୦ରୁ ୬୦ ଟଙ୍କାରେ ବିକ୍ରି କରିପାରୁଛନ୍ତି । ଏଥିପାଇଁ ରାଜ୍ୟ ସରକାର ପୂର୍ଣ୍ଣ ସହଯୋଗ କରିଲେ, ନିଜ ଅଞ୍ଚଳରେ ଜିଆଖତ ଚାଷ କରି ସମସ୍ତେ ରୋଜଗାରକ୍ଷମ ହୋଇପାରିବେ ବୋଲି ସେ କୁହନ୍ତି ।

### ସଫଳ ଜିଆଖତ ଚାଷୀ ମୁକେଶ



ଶିକ୍ଷିତ ଯୁବ ସମାଜ ଚାଷ ପ୍ରତି ବିମୁଖ ହୋଇ ଏବେ ଚାକିରି ପଛରେ ଧାଉଁଛନ୍ତି । ହେଲେ ଡେରାବିଶ ବ୍ଲକ୍ ଏଣ୍ଡର ଗ୍ରାମର ଅକ୍ଷୟ ଧଳଙ୍କ ପୁଅ ମୁକେଶ (୩୦) ଚାଷ କରି ଶିକ୍ଷିତ ଯୁବ ସମାଜକୁ ଆତ୍ମନିର୍ଭରଶୀଳ ହେବାର ପଥ ପ୍ରଦର୍ଶନ କରିଛନ୍ତି ।



ଏଣ୍ଡର ଗ୍ରାମର ମୁକେଶ ଯୁକ୍ତ ତିନି କଳା ପାଠ ପଢ଼ା ସାରିବା ପରେ ଅନ୍ୟ ଯୁବକଙ୍କ ପରି ଚାକିରି ପଛରେ ନ ଧାଇଁ ବାପାଙ୍କ ପଦାଙ୍କ ଅନୁସରଣ କରିଥିଲେ । ମାତ୍ର ୧୯ ବର୍ଷ ବୟସରେ ସେ ତାଙ୍କର ପୈତୃକ ଜମିରେ ପ୍ରାକୃତିକ ଜିଆଖତ ଦେଇ ଧାନ, ମୁଗ, ବିରି ସହିତ ବିଭିନ୍ନ ପନିପରିବା ଚାଷ କରୁଛନ୍ତି । ମୁକେଶ ପ୍ରଥମେ ୪୦୦ ବର୍ଗଫୁଟର ଏକ କୁଣ୍ଡ କରି ସେଥିରେ ଜିଆଖତ ଚାଷ କରିଥିଲେ । ଏଥିରୁ ଉତ୍ପାଦିତ ଜିଆଖତକୁ ଚାଷରେ ଲଗାନ୍ତି । ମୁକେଶ କୁହନ୍ତି, ଜିଆଖତର ବଜାରରେ ଆବଶ୍ୟକତାକୁ ଅନୁଭବ କରି ସେ ବ୍ୟବସାୟ ଭିତ୍ତିରେ ଜିଆଖତ ଉତ୍ପାଦନ କରି ବର୍ଷକୁ ୧୫ରୁ ୨୦ ଟନ୍ ଜିଆଖତ ବିକ୍ରି କରିପାରୁଛନ୍ତି । ଏହି ଜିଆଖତର ମୂଲ୍ୟ ସ୍ଥଳବିଶେଷରେ ଏକ କେଜିକୁ ୧୫ ରୁ ୨୦ ଟଙ୍କା ରହିଛି । ବର୍ଷକୁ ଦୁଇଥର ସେ ଜିଆଖତ ଉତ୍ପାଦନ କରୁଥିବା ବେଳେ ଏହାକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ସହିତ କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର ଆଦି ଅଞ୍ଚଳର ଉଦ୍ୟାନ ଚାଷୀମାନେ କିଣି ନେଇ ଯାଉଛନ୍ତି ।

ରିପୋର୍ଟ:
ପ୍ରମୋଦ କୁମାର ପ୍ରଧାନ
ଡେରାବିଶ

## ବନ ବିଭାଗକୁ ବିକ୍ରି ଦାୟିତ୍ୱ



ଜଙ୍ଗଲକୁ ଲାଗିକରି ଥିବା ଗାଁର ମା'ମାନେ ଘରେ ବସି ଅନ୍ୟାନ୍ୟ କାମ କାର୍ଯ୍ୟ ସହ ଜୀବନଜୀବିକାରେ ଉନ୍ନତି ଆଣିବାକୁ ଜିଆଖତ ଚାଷ କରିପାରୁଛନ୍ତି । ଉତ୍ପାଦିତ ଜିଆଖତର ସମ୍ପୂର୍ଣ୍ଣ ବିକ୍ରିର ବ୍ୟବସ୍ଥା ଜଙ୍ଗଲ ବିଭାଗ ହାତକୁ ନେଇଥିବାବେଳେ ଲୋକଙ୍କର ମଧ୍ୟ ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷା ପାଇଁ ସେମାନଙ୍କର ସହଭାଗିତା ବଢ଼ିଛି । ଆୟ ବୃଦ୍ଧି ଦ୍ୱାରା ଜଙ୍ଗଲ ଉପରେ ଥିବା ନିର୍ଭରତା କମିଯାଉଛି । ମହିଳାଙ୍କ ଜିଆଖତ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ 'ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି' ତରଫରୁ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଚାଷ କରାଯାଉଥିବା ଜିଆଖତ ଏକ ସଫଳ ଓ ଲାଭଜନକ ବ୍ୟବସାୟ । ବନସୁରକ୍ଷା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଉଦ୍ୟମ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ବିଭାଗୀୟ କର୍ମକର୍ତ୍ତା, ପ୍ରକଳ୍ପ କର୍ମକର୍ତ୍ତା ଏବଂ ସହଭାଗୀ ସଂସ୍ଥା (ସେବକ) ଗ୍ରାମୀଣ ପ୍ରଡକ୍ଟ ମାର୍କେଟିଂ (ଭୁବନେଶ୍ୱର) କର୍ମକର୍ତ୍ତାଙ୍କ ବୈଷୟିକ ସହାୟତା ମାଧ୍ୟମରେ ବନସୁରକ୍ଷା ସମିତିସ୍ତରରେ ଏହି ଜିଆଖତ ଉତ୍ପାଦନ କାର୍ଯ୍ୟ ସଫଳ ହୋଇଛି ।

ଧନରାଜ୍ ଏଚ୍.ଡ଼ି (ଆଇଏଫ୍ଏସ୍)
ବନଖଣ୍ଡ ଅଧିକାରୀ, କେଉଁଝର

## ତାଲିମ ଓ ସବ୍‌ସିଡି



ଜିଆଖତ କରିବାକୁ ଇଚ୍ଛୁକ ବ୍ୟକ୍ତି ପ୍ରତି ଜିଲ୍ଲାର କେଭିକେ, ଗାଁ ଗହଳିର ଉତ୍ପାଦିକା ସଂଗଠନ, ଓୟୁଏଟି, ଉଦ୍ୟାନ ବିଭାଗ ତଥା ବେସରକାରୀ ସଂସ୍ଥାରେ କୃଷି ବୈଜ୍ଞାନିକଙ୍କଠାରୁ ତିନିଦିନିଆ ତାଲିମ ନେଇପାରିବେ । ତାଲିମ ନେଇ ସଫଳ ଭାବେ ଜିଆଖତ ଚାଷ କରିପାରିବେ । ଜିଆଖତ ଚାଷ କରିବା ପାଇଁ ଉଦ୍ୟାନ ବିଭାଗର ଏମ୍‌ଆଇଡିଏଚ୍, ଏମ୍‌କେଏସ୍‌ୱାଇ (ମୁଖ୍ୟମନ୍ତ୍ରୀ କୃଷି ସିଞ୍ଚନ ଯୋଜନା' ଓ ଡିଆର୍‌ଡିଏ-ଏନ୍‌ଜିଏନ୍‌ଆରଜି ଦ୍ୱାରା ସେମାନଙ୍କୁ ସୁବିଧା ସୁଯୋଗ ମିଳିଥାଏ । ଏଥିପାଇଁ ଯେଉଁ ସ୍ଥାନରେ କୃଷକ ଉତ୍ପାଦିକା ସଂଗଠନ ରହିଛି, ସେଠାରେ ମହିଳା ଚାଷୀମାନଙ୍କୁ ନେଇ ଏକ କମ୍ପାନୀ ଗଠନ କରାଯାଇଛି । ଫଳରେ ମହିଳା ଚାଷୀ ଜିଆଖତକୁ ଅମଳ କରି ଏକ ବ୍ରାଣ୍ଡିଂ କରିଥାନ୍ତି । ଏନେଇ ଟାଙ୍ଗରପାଲି ବ୍ଲକ୍‌ର ଇଣ୍ଡିଆନ ଗ୍ରାମୀଣ ସର୍ଭିସେସ୍ (ଆଇଜିଏସ୍) ଅନୁଷ୍ଠାନ ମା' ଗୃହଲକ୍ଷ୍ମୀ ଫାର୍ମର ପ୍ରଡ୍ୟୁସର କମ୍ପାନୀ ମାଧ୍ୟମରେ ବିକ୍ରି ପାଇଁ ମାର୍କେଟିଂ ସୁବିଧା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଏଥିରେ ସାଧାରଣତଃ ଉଦ୍ୟାନ ବିଭାଗ, ଉତ୍ପାଦିକା ସଂଗଠନର ଚାଷୀଙ୍କୁ ଯୋଗାଇ ଦିଆଯିବା ପାଇଁ ଧାର୍ଯ୍ୟ କରାଯାଇଛି । ଯେଉଁମାନେ ଅଧିକ ଆକାର ଜିଆଖତ ଚାଷ କରନ୍ତି, ସେମାନଙ୍କୁ ସବ୍‌ସିଡି ମଧ୍ୟ ମିଳିଥାଏ ।

ଲକ୍ଷ୍ମୀପ୍ରିୟା ପରିଡ଼ା
ଏପିସି, ପ୍ରୋଜେକ୍ଟ ମ୍ୟାନେଜର, ଟାଙ୍ଗରପାଲି, ସୁନ୍ଦରଗଡ଼

## ଖତ ଉତ୍ପାଦନ: ରଖିବ ଚାଷୀର ମାନ



ଜିଆଖତରେ ବିଭିନ୍ନ ପ୍ରକାର ହର୍‌ମୋନ, ଭିଟାମିନ୍, ଏନ୍‌ଜାଇମ୍, ଆଣ୍ଟିବାୟୋଟିକ ଥାଏ । ଏହାକୁ ମାଟିରେ ପ୍ରୟୋଗ କରିବା ଦ୍ୱାରା ଗଛ ଖାଦ୍ୟଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ରୋଗପୋକ ଗଛକୁ ଆକ୍ରମଣ କରନ୍ତିନି । ଜଳଧାରଣ କ୍ଷମତାକୁ ବଢ଼ାଇ ମାଟିର ଅମ୍ଳତାକୁ ହ୍ରାସ କରିଥାଏ । ମୃତ୍ତିକାର ତାପମାତ୍ରା ନିୟନ୍ତ୍ରିତ ରହିଥାଏ । ଖତ ବ୍ୟବହାର ଦ୍ୱାରା ମୃତ୍ତିକାରେ ଉପକାରୀ ଜୀବାଣୁଙ୍କ ସଂଖ୍ୟା ବୃଦ୍ଧି ହୋଇଥାଏ । ଏଥିପାଇଁ ଆମ ରାଜ୍ୟର ଅଧିକାଂଶ ଲୋକ ଏବେ ଜିଆଖତ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି । ଏହା ଏମିତି ଏକ ଚାଷ, ଯାହାକି ଜଣେ ଭୂମିହୀନ ଚାଷୀ ମଧ୍ୟ ଚାଷକରି ଗୁଜୁରାଣ ମେଣ୍ଟାଇ ପାରିବ । ପ୍ରଥମେ ଏହି ଚାଷ ପାଇଁ ସ୍ଥାୟୀ ଖର୍ଚ୍ଚ ଅଧିକ ହୋଇଥାଏ । ସିମେଣ୍ଟ କୁଣ୍ଡ ହେଉ କି ନନ୍ଦ ସର୍ବଦା ଏହା ଉପରେ ଚାଳ ଛାଉଣୀ କରାଯାଇଥାଏ । ବର୍ଷକୁ ୮ କ୍ୱିଣ୍ଟାଲ ଖତରୁ ୧୬ ହଜାର ଟଙ୍କା ଲାଭ ମିଳେ । ଜିଆକୁ ଜନ୍ଦା ଓ ମୂଷା କବଳରୁ ସୁରକ୍ଷା ଦେବା ପାଇଁ ଏକ ପାତ୍ରରେ ପାଣି ଗୁଡ଼ରଖି ଏହାକୁ ଜିଆଖତ କୁଣ୍ଡ ଉପରେ ରଖିବା ଦ୍ୱାରା ଜନ୍ଦା ଓ ମୂଷାଗୁଡ଼ିକ ଗୁଡ଼ ପାଖରେ ରହିଥାନ୍ତି ।

ଡ. ତିର୍ଯ୍ୟକ କୁମାର ସାମନ୍ତ
କୃଷି ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ), ଅନୁଗୋଳ

## ଅଧିକ ଜିଆ ଉତ୍ପାଦନ ଜରୁରୀ



ମାଟିର ଉର୍ବରତା ଶକ୍ତି ବୃଦ୍ଧି, କୀଟ ପୋକ ଓ ବିଭିନ୍ନ ପ୍ରକାରର ରୋଗ ନିୟନ୍ତ୍ରଣ ପାଇଁ ବାୟୋ-ଅର୍ଗାନିକ୍ ପ୍ରଡକ୍ଟ ତଥା ଉନ୍ନତମାନର ଚାରା ସମେତ ବିଭିନ୍ନ ଖତ ଓ ଚାଷ ଉପଯୋଗୀ ସୁଲଭ ମୂଲ୍ୟରେ ଚାଷୀଙ୍କୁ ଯୋଗାଇ ଦେଉଛୁ । ତେବେ ରାସାୟନିକ ଉପାଦାନକୁ କମ୍ ପ୍ରୟୋଗ କରି ଜୈବିକ ଉପାଦାନଗୁଡ଼ିକୁ ମାଟିରେ ପ୍ରୟୋଗ ବିଧିର ବାର୍ତ୍ତା ଦେବାକୁ ଜୈବିକ ଜିଆଖତ ବିକ୍ରି କରୁ । ଏବେ ଅଧିକାଂଶ କିଚେନ୍ ଗାର୍ଡେନ ଓ ବିଭିନ୍ନ ଚାଷ ପାଇଁ ଜିଆ ଓ ଜିଆଖତ କିଣୁଛନ୍ତି । ଜିଆ ଉତ୍ପାଦନ ରାଜ୍ୟରେ କମ୍ ହେଉଥିବାରୁ ଆଗାମୀ ଦିନରେ ଅଧିକରୁ ଅଧିକ ଚାଷୀ ଜିଆ ଉତ୍ପାଦନ କରିଲେ ମହିଳା ଚାଷୀ ଓ ଉଦ୍ୟୋଗୀ ସମସ୍ତେ ଲାଭାନ୍ୱିତ ହୋଇପାରିବେ ।

ନବକିଶୋର ସାହୁ
ଗୁଡ୍ ଆର୍ଥ, ଭୁବନେଶ୍ୱର





## ଜମରା ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ

# ନେତା ଓ ନେତୃତ୍ୱ ବିହୀନ ଦଳଠାରୁ ଦୂରେଇ ରୁହନ୍ତୁ

ନିଶ୍ଚିନ୍ତକୋଇଲି, ୧୧।୫(ସମିସ)



ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧୀନ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଜମରା ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ ନମକାନାଛକ ନିକଟରେ ଅନୁଷ୍ଠିତ ହୋଇଛି। ଯୁବନେତା ଆଶୁତୋଷ ତ୍ରିପାଠୀଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଯେଉଁ ଦଳରେ ନେତା ଓ ନେତୃତ୍ୱ ଠିକ୍ ନାହିଁ ସେ ଦଳକୁ ପ୍ରତ୍ୟାଖ୍ୟାନ କରି ବିଜେଡିର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ସହିତ ରାଜ୍ୟର ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ମାହାଙ୍ଗା ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ଏଥର ନିର୍ବାଚନରେ ବିପୁଳ ସଂଖ୍ୟାରେ ଯୋଡି ଶଙ୍ଖରେ ସୁଇଜ୍ ଟିପି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇଲେ ରାଜ୍ୟର ପ୍ରଗତିଧାରା ଅଗ୍ରସର ହେବା ସହିତ ଜମରା ପଞ୍ଚାୟତରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇ ପାରିବ ଏବଂ ଲୋକମାନେ ବିଭିନ୍ନ ଜନହିତକର ଯୋଜନାରେ ସମ୍ପୃକ୍ତ ହୋଇ ଲାଭ ଉଠାଇ ପାରିବେ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରୋଜି ସେଠୀ, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ବିଜେଡି ପର୍ଯ୍ୟବେକ୍ଷକ ବ୍ରଜମୋହନ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ଯୁବନେତା ମନୋଜ ସେଠୀ, ସରପଞ୍ଚ ବନ୍ଦନାମୟୀ ତ୍ରିପାଠୀ, ସମିତିସଭ୍ୟା ମେନକା ବଳ, ପଞ୍ଚାୟତ ବିଜେଡି ସଭାପତି ସୁଦାମ ଚରଣ ବଳ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଲେଙ୍କା, ତିତିଲି ଜେନା, ଜଗବନ୍ଧୁ ବେଉରା, କଲ୍ୟାଣୀ ସେଠୀ, କୃଷ୍ଣଚନ୍ଦ୍ର କାମଳା, ରତ୍ନାକର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଗତ ୨୪ ବର୍ଷ ଧରି ବିଜେଡି ସରକାର ଯେଉଁସବୁ ଜନହିତକର କାର୍ଯ୍ୟକ୍ରମ କରିଚାଲିଛନ୍ତି ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

## ବ୍ରାହ୍ମଣଝରିଲୋରେ ମହାଗୁରୁ ଯଜ୍ଞ

ଫୁଲନଖରା, ୧୧।୫(ସମିସ): ବ୍ରାହ୍ମଣଝରିଲୋ (ବାଲିଜିପାଟଣା) ସ୍ଥିତ ନରନାରାୟଣ ମଠରେ ହରିଗୁରୁ ଅନନ୍ତ ଦାସ ମହାରାଜଜୀଙ୍କ ଦ୍ୱାରା ୧୯୩୯ ମସିହାରୁ ଆରମ୍ଭ ହୋଇଥିବା ମହାଗୁରୁ ଯଜ୍ଞ ୮୫ବର୍ଷରେ ପଦାର୍ପଣ କରିଛି। ଚାରିଆଡେ ବିଶ୍ୱଶାନ୍ତି ମହାଯଜ୍ଞ ହେଉଥିବା ବେଳେ ଉକ୍ତ ମଠରେ ଗୁରୁମାନଙ୍କ ଉଦ୍ଦେଶ୍ୟରେ ଏହି ବିରଳ ଯଜ୍ଞ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି। ପବିତ୍ର ଅକ୍ଷୟ ତୃତୀୟାରେ ନରନାରାୟଣଙ୍କ ଷୋଡ଼ଶ ଉପଚାର ପୂଜା କରାଯାଇ ଅଧିବାସରେ ଗୁରୁ କଳସ ସ୍ଥାପନ କରାଯାଇଥାଏ। ଶନିବାର ଯଜ୍ଞର ପ୍ରଥମ ଦିନରେ ଅଙ୍କୁରାରୋପଣ କରାଯାଇ ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇଥିଲା। ପଣ୍ଡିତ ବ୍ରହ୍ମାନନ୍ଦ ହୋତାଶର୍ମାଙ୍କ ନେତୃତ୍ୱରେ ପରିଚାଳିତ ଯଜ୍ଞ ମହୋତ୍ସବରେ ବାବା ପ୍ରଦୀପ ଶଙ୍କର ଉପାଧ୍ୟାୟ କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ମହାବୀର ଦାସ ମହାରାଜଜୀ ଯଜ୍ଞ ପରିଚାଳନା କରୁଛନ୍ତି। ଗ୍ରାମବାସୀ ଓ ଅଞ୍ଚଳର ଭକ୍ତବୃନ୍ଦଙ୍କ ସହଯୋଗରେ ଏହି ଯଜ୍ଞାନୁଷ୍ଠାନ ପରିଚାଳିତ ହେଉଛି।

## ବଡ଼ମ୍ବାର ଚନ୍ଦନ ଯାତ୍ରା ଶୁଭାରମ୍ଭ



ବଡମ୍ବା, ୧୧।୫(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ୩୦୦ ବର୍ଷ ତଳୁ ଆରମ୍ଭ ହୋଇଥିବା ପାରମ୍ପରିକ ଚନ୍ଦନ ଯାତ୍ରାର ଆରମ୍ଭ ହୋଇଯାଇଛି। ପ୍ରାରମ୍ଭରେ ବଡମ୍ବା ଜଗନ୍ନାଥଙ୍କ ଆଦ୍ୟ ସେବକ ବଡମ୍ବା ରାଜନଅରରୁ ରାଜା ତ୍ରିବିକ୍ରମ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ରଙ୍କୁ ନିମନ୍ତ୍ରଣରେ ଆସି ପୂଜାର୍ଚ୍ଚନା କରିଲା ପରେ ବିମାନରେ ଭୁଦେବୀ, ଶ୍ରୀଦେବୀ, ସିଂହନାଥ, ଲୋକନାଥ ଏବଂ ରଘୁନାଥଙ୍କ ସହ ବିରାଟ ପଟୁଆର ସହିତ ରାଜନଅରରୁ ବାହାରିଥିଲା। ୨୧ ଦିନ ଧରି ଚନ୍ଦନ ପୁଷ୍କରିଣୀରେ ଚାପ ଖେଳ ହେବ। ବଡ଼ମ୍ବା ଚନ୍ଦନ ମହୋତ୍ସବ କମିଟିର ସଭାପତି ଅନିଲ କୁମାର ରଣା, ଉପସଭାପତି ଶକ୍ତି ଶଙ୍କର ପଟ୍ଟନାୟକ, ସମ୍ପାଦକ ତ୍ରିବିକ୍ରମ ପଡ଼ିଆରୀ, ସହ ସମ୍ପାଦକ ଶକ୍ତି ପ୍ରସାଦ ଦାସ, ଉପଦେଷ୍ଟା ମୁରଲୀଧର ମହାପାତ୍ର, ବଡମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ସମାଜସେବୀ ଚିନ୍ମୟ ପଟ୍ଟନାୟକ, ସାମ୍ବାଦିକ ପୁପୁ ମହାନ୍ତି, ଦୀପକ କୁମାର ସାହୁ, କୃଷ୍ଣଚନ୍ଦ୍ର ତରାସିଆ, ସନ୍ତୋଷ କୁମାର ପଟ୍ଟନାୟକ, ଦେବରାଜ ପକ୍ଷଙ୍ଗଶାଣୀ, ଶିବନାରାୟଣ ମିଶ୍ର, ରମେଶ ଚନ୍ଦ୍ର ବେହେରା, ତ୍ରିଲୋଚନ ରଣା, ମହେନ୍ଦ୍ର ପଡ଼ିଆରୀ, ବିକ୍ରମ କେଶରୀ ବରାଳ, ରବୀନ୍ଦ୍ର କୁମକ୍ଷର ରଣା, ରାଜକିଶୋର ରଣା, ଜ୍ଞାନରଞ୍ଜନ ପରିଡ଼ା, ତ୍ରିଲୋଚନ ପଡ଼ିଆରୀ, ସୁଜିତ ପଟ୍ଟନାୟକ, ତନ୍ମୟ ମହାପାତ୍ର, ବିପିନି ବିହାରୀ ପୁରବରା, ବନୋଜ କୁମାର ମହାନ୍ତି, ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଟାଙ୍ଗୀରେ ଶନିଶ୍ଚର ମହାମେଳା, ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଜଳାଭିଷେକ



ଟାଙ୍ଗୀ, ୧୧।୫(ସମିସ): ଶନିଶ୍ଚରଙ୍କ ମହାମେଳା କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶନିବାର ପାଳିତ ହୋଇଯାଇଛି। ଗ୍ରହକଷ୍ଟରୁ ମୁକ୍ତି ନିମନ୍ତେ ବହୁ ମାନସିକଧାରୀ ଗ୍ରହରାଜଙ୍କ ନିକଟରେ ଜଳାଭିଷେକ କରିଥିବାବେଳେ ମାଗୁରା-ଧାନମଣ୍ଡଳ ପଞ୍ଚାୟତ ଅନ୍ତର୍ଗତ ଅଡ଼ମ୍ବରୁ ତଥା ମାଳିକା ବର୍ଣ୍ଣିତ ଜଳୌକା ପାହାଡ଼ର ପାଦଦେଶରେ ସ୍ଥାପିତ ଶ୍ରୀ ଶନିଶ୍ଚରଙ୍କ ପୀଠରେ ଲକ୍ଷାଧିକ ମାନସିକଧାରୀଙ୍କ ଜଳାଭିଷେକ ଚର୍ଚ୍ଚାକୁ ଆସିଛି। ଉକ୍ତ ପ୍ରାଚୀନ ପୀଠରେ କଟକ ଓ ଯାଜପୁର ସମେତ ବିଭିନ୍ନ ଜିଲ୍ଲାର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥାଏ। ସରପଞ୍ଚ ରଶ୍ମୀ ରଞ୍ଜନ ରାଉତ ଓ ବରିଷ୍ଠ ନେତା ନକୁଳ ରାଉତଙ୍କ ସମେତ ଗଠିତ କମିଟି ମେଳା ପରିଚାଳନା କରିଥିବାବେଳେ ଟାଙ୍ଗୀ ପୁଲିସ ପକ୍ଷରୁ ସମସ୍ତ ଜରୁରୀକାଳୀନ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କୋଟସାହି ପଞ୍ଚାୟତ ଟାଙ୍ଗୀ, କହ୍ନେଇପୁର ପଞ୍ଚାୟତ ଭଗତପୁର, ଭଟିମୁଣ୍ଡାସ୍ଥି, ସଫା ଓ କାଞ୍ଜିଆସ୍ଥିତ ଶନିଶ୍ଚରଙ୍କ ପୀଠ ଚଳଚଞ୍ଚଳ ରହିଥିଲା।

## ଆଧ୍ୟାତ୍ମିକ କବିତା ଆସର ଓ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି, ୧୧।୫(ସମିସ): ନବଉତ୍କଳ ଲେଖକ ପରିଷଦ, ଉର୍ବୀ ସାହିତ୍ୟ ପତ୍ରିକା ଓ ପରିବାର ସଂଗଠନ ପକ୍ଷରୁ ମା' ବେଲେଶ୍ୱରୀଙ୍କ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା ଅବସରରେ ଏକ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଉର୍ବୀର ସମ୍ପାଦକ ଶିଖର କବି ଶ୍ରୀଧରଶେଖର ମହାପାତ୍ରଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଶକ୍ତି ଉପାସକ ପ୍ରାଧ୍ୟାପକ ବିରୁପାକ୍ଷ ରାୟ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ଼ଃ. ନିଖିଳେଶ ମହାନ୍ତି, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ଶାରଦାପ୍ରସାଦ ମିଶ୍ର, ପରିବାର ସଭାପତି ବଲ୍ଲଭଚରଣ ପଲେଇ, ନାଟ୍ୟକାର ରବୀନ୍ଦ୍ରନାଥ ସେଠୀ ଯୋଗଦେଇ ଶକ୍ତିତତ୍ତ୍ୱ ଓ ମା ବେଲେଶ୍ୱରୀଙ୍କ ଆର୍ଶିବଚନ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଶିଶୁ କବି ମହେନ୍ଦ୍ର ଘଡ଼ାଇ ଓ ଯୁବ କବି କ୍ଷୀରୋଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ଶ୍ରୀନିବାସ ସାହୁ, ଦୁର୍ଗାପ୍ରସାଦ ରାୟ, ଶରତଚନ୍ଦ୍ର ରାଉତ, ରାମଚନ୍ଦ୍ର ସାହୁ, ଦୀପାଞ୍ଜଳି ମିଶ୍ର, ମିନତୀ ନାୟକ, ଶ୍ୟାମସୁନ୍ଦର ଲେଙ୍କା, ଖଗେଶ୍ୱର ମହାନ୍ତି, ଗୀତାଞ୍ଜଳି ନାୟକ, ରାଜକିଶୋର ମିଶ୍ର, ଗୌତମଚରଣ ଜେନା, ପ୍ରଫୁଲ୍ଲ କୁମାର ସାହୁ, କୃଷ୍ଣଚନ୍ଦ୍ର ନାୟକ, ସୁଶାନ୍ତ ନାୟକ, ବିପିନ ବିହାରୀ କର, ରଘୁନାଥ ମହାନ୍ତି, ମାନସ ଦାସ, ସମ୍ବିତ୍ ଦାସ, ଅକ୍ଷୟ ଷଡଙ୍ଗୀ, ରବେୟା ସରୱର, ସୟଦ ଆଲେନବି, ସେକୁ ମୁଜାଫିର ଅହମ୍ମଦ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପରିବାରରର ସମ୍ପାଦକ ସ୍ତମ୍ଭକାର ପ୍ରମୋଦ କୁମାର ନାୟକ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମା, ବେଲେଶ୍ୱରୀ ଉନ୍ନୟନ କମିଟିର ସମସ୍ତ କର୍ମକର୍ତ୍ତାଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶୁଭମ୍ ସତ୍ୟଜିତ୍ ସାହୁ ଧନ୍ୟବାଦ ଦେଇଥିଲେ।

## ଅନ୍ନଦାତା ସମ୍ମାନ -୨୦୨୪ ପ୍ରଦାନ

ବାଙ୍କୀ, ୧୧।୫(ସମିସ)

ବାଙ୍କୀ ଡମପଡ଼ା ବ୍ଲକସ୍ଥ ବାଆଁରା ଗ୍ରାମର ବାବା ଧୂଳିଆ ଷଣ୍ଢ ପୀଠଠାରେ ଆଜି ପବିତ୍ର ଅକ୍ଷୟ ତୃତୀୟା ପାଳନ ଅବସରରେ ଅନ୍ନଦାତା ସମ୍ମାନ -୨୦୨୪ ପ୍ରଦାନ କରାଯାଇଛି। ବିଶ୍ୱ ଓଡ଼ିଶା କୃଷି ପରିଷଦ ଭୁବନେଶ୍ୱର ଓ ଶ୍ରୀ ସୁବୁଦ୍ଧେଶ୍ୱର ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ବାଙ୍କୀ, ଖୋର୍ଦ୍ଧା ଓ କୋରାପୁଟ ଅଞ୍ଚଳର ୨୫ଜଣ କୃଷକଙ୍କୁ ଅନ୍ନଦାତା ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ଗ୍ରାମ ସ୍ୱରାଜ୍ୟର ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଉପେନ୍ଦ୍ର କରଣ ଓ ସମ୍ମାନୀତ ଅତିଥି ଭାବେ ଅଶୋକ ବିଶ୍ୱାଳ ଯୋଗଦାନ କରି କୃଷି ଓ କୃଷକ ଉପରେ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଉକ୍ତ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସୁକୁମାର ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ବିଶ୍ୱ ଓଡ଼ିଶାର ସଂଯୋଜକ ଗୌରାଙ୍ଗ ଚରଣ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱନାଥ ସାହୁ, ଆମ୍ବରିସ ରାଉତ, ଓମ୍ ପ୍ରକାଶ ସାହୁ, ନିରଞ୍ଜନ ବେଉରା ଓ ସଶଧର ନାୟକ ପରିଚାଳନା କରିଥିଲେ। ଏହି ଅବସରରେ ପାଥପୁରର ଯୁବ ଫଳଚାଷୀ ସୁଦର୍ଶନ ସାହୁଙ୍କୁ କୃଷକ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ପ୍ରକାଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।



## ମା' ବାଉତୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ଡିଗିରିଆ, ୧୧।୫(ସମିସ): ଆଠଗଡ଼ ବ୍ଲକ ବେଣ୍ଟପଦା ପଞ୍ଚାୟତ ଅନ୍ତର୍ଗତ ମାନପୁର ଗ୍ରାମର ଆରାଧ୍ୟା ମା ବାଉତୀ ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ଗ୍ରାମର ଶତାଧିକ ମହିଳା ପୁରୁଷ ଗ୍ରାମ ନିକଟ ଦେଇ ଯାଇଥିବା ସାପୁଆ ନଦୀରୁ ଏକ ବିଶାଳ ଶୋଭାଯାତ୍ରାରେ କଳସ ଯାତ୍ରା ଯୋଗେ ଜଳ ଉଠାଇ ପୀଠକୁ ଆଣିବା ପରେ ମା'ଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରୁ ପୀଠରେ ସୂର୍ଯ୍ୟପୂଜା, ଗୋ ପୂଜା, ମନ୍ଦିର ପ୍ରତିଷ୍ଠା, ଯଜ୍ଞାହୂତି, ସିଂହାସନ ପ୍ରତିଷ୍ଠା, ନ୍ୟାସ, ପ୍ରାଣ ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦିତ କରାଯାଇଥିଲା। ଏଥିରେ ଗ୍ରାମବାସୀଙ୍କ ତରଫରୁ ଉଦୟନାଥ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ଅବନ୍ତି ମହାନ୍ତି କର୍ତ୍ତା ରୂପେ ଦାୟିତ୍ୱ ନିର୍ବାହ କରିଥିଲେ।

## ବାଙ୍କୀ ବିଜେପି ପକ୍ଷରୁ ଅକ୍ଷୟ ତୃତୀୟା

ବାଙ୍କୀ, ୧୧।୫(ସମିସ): ଆଜି ବାଙ୍କୀ ବିଜେପି ପକ୍ଷରୁ ବାଙ୍କୀ ବ୍ଲକ ଅନ୍ତର୍ଗତ ଗୋଳାଗଣ୍ଡ ଗ୍ରାମପଞ୍ଚାୟତ ସାତଖଣ୍ଡ ଗ୍ରାମରେ ଅକ୍ଷୟ ତୃତୀୟା ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ବାଙ୍କୀ ବିଜେପି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ନିଜେ ହଳ ବୁଲାଇ ଅଖି ମୁଠି ବୁଣି ଚଳିତ ବର୍ଷ ଚାଷୀମାନଙ୍କର କିପରି ସୁଖଶାନ୍ତିର ବର୍ଷ ହେବ ଏବଂ ଚାଷୀମାନେ ସେମାନଙ୍କର ରୋଜଗାର ବଢ଼ାଇପାରିବେ ସେ ସମ୍ପର୍କରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଚାଷୀ ମଧୁସୂଦନ ରାଉତ, ସୁଧୀର ଚନ୍ଦ୍ର ନାୟକ, ବିଜୟ ବରାଡ ଏବଂ ଆଇନଜୀବୀ ଦେବାଶିଷ ମାନସିଂହଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହି ଅଖି ମୁଠିରେ ସହଯୋଗ କରିଥିଲେ।

## ବାଙ୍କୀ ଟାଉନରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଙ୍କୀ, ୧୧।୫(ସମିସ): ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ବାଙ୍କୀ ବିଜୁଜନତା ଦଳ ପକ୍ଷରୁ ବାଙ୍କୀ ଟାଉନ ନୃସିଂହ ଛକଠାରେ ବିଜୁଜନତା ଦଳର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବାଙ୍କୀର ବିଧାୟକ ତଥା ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆସନ୍ତା ନିର୍ବାଚନରେ ବାଙ୍କୀବାସୀ କଟକ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ସେ ଅନୁରୋଧ କରିଥିଲେ ଏବଂ ବିଜୁ ଜନତାଦଳର ନିର୍ବାଚନ ଇସ୍ତାହାରକୁ ଜନସାଧାରଣଙ୍କୁ ବିସ୍ତୃତ ଭାବରେ ବୁଝାଇବା ସହିତ ଆଗାମୀ ଦିନରେ ଦଳତରଫରୁ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବାଙ୍କୀ ଏନ୍‌ଏସି ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ, ଜିଲ୍ଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ବାଙ୍କୀ ନଗର ବିଜେଡି କାର୍ଯ୍ୟକାରୀ ସଭାପତି ଭାଗୀରଥି ବିଶ୍ୱାଳ, ନଗର ବିଜେଡି ସଭାପତି ହରେକୃଷ୍ଣ ଦାଶ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ପାଢ଼ୀ, ବାଙ୍କୀ ନଗର ଯୁବ ବିଜେଡି ସଭାପତି ପଠାଣୀ ବେହେରା, ଯୁବ ବିଜେଡି ନେତା ଶ୍ରୀନିବାସ ବେହେରା, ଛାତ୍ର ବିଜେଡି ସଭାପତି ବ୍ରଜବଲ୍ଲଭ କର, ପ୍ରଶାନ୍ତ ଦଳେଇ, ପୂର୍ବତନ କାଉନସିଲର ସୌମେନ୍ଦ୍ର ମିଶ୍ର, ରାଜେନ୍ଦ୍ର ମହାପାତ୍ର, କାଉନସିଲର ଜାମିନିକାନ୍ତ ମହାପାତ୍ର, ସମରେନ୍ଦ୍ର ମହାପାତ୍ର, ପି.ଚିରଞ୍ଜୀବି ପାତ୍ରଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାହାଣିଆ ଓ ଗୋକନରେ ବିଜେଡିର ମିଶ୍ରଣ ପର୍ବ

ମାହାଙ୍ଗା, ୧୧।୫(ସମିସ): ନବୀନ ପଟ୍ଟନାୟକଙ୍କସ୍ଥିର ସ୍ୱଚ୍ଛ ଶାସନ ସାଙ୍ଗକୁ ବିକାଶମୂଳକ କାର୍ଯ୍ୟକ୍ରମ ଓ ସ୍ଥାନୀୟ ବିଧାୟକଙ୍କ ଦୃଢ଼ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବିଜେପି ଓ କଂଗ୍ରେସର କର୍ମୀମାନେ ବିଜେଡିରେ ସାମିଲ ହେଉଛନ୍ତି। କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ମାହାଙ୍ଗା ବ୍ଲକ ରାହାଣିଆ ଓ ଗୋକନ ପଞ୍ଚାୟତର ବହୁ ବିଜେପି ଓ କଂଗ୍ରେସ କର୍ମୀ ଦଳ ଛାଡି ବିଧାୟକ ପ୍ରତାପ ଜେନାଙ୍କ ଉପସ୍ଥିତିରେ ତାଙ୍କ ଅଳିଯୋଡାସ୍ଥିତ ବାସଭବନରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡିରେ ସାମିଲ ହୋଇଛନ୍ତି। ସରପଞ୍ଚ ହେମନ୍ତ କୁମାର ମଲିକ, ପଞ୍ଚାୟତ ବିଜେଡି ସଭାପତି ଯୁଗଳ କିଶୋର ସାମଲ, ପୂର୍ବତନ ସରପଞ୍ଚ କାର୍ତ୍ତିକ ଜେନା, ଯୁବନେତା ଅଭୟ ବିଶ୍ୱାଳ, ଧନଞ୍ଜୟ ସାହୁ, ରଞ୍ଜିତ ଜେନା, ମହେନ୍ଦ୍ର ବିଶ୍ୱାଳ, ହୃଷିକେଶ ବେହୁରା, ସନ୍ତୋଷ ସାହୁଙ୍କ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ସେହିପରି ଗୋକନ ପଞ୍ଚାୟତ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜ୍ୟୋତ୍ସ୍ନାମୟୀ ବେହେରା, କୁଳମଣି ରାଉତ, ଉମେଶ ଚନ୍ଦ୍ର ସାହୁଙ୍କ ସମେତ ବିଜେଡି ନେତୃମଣ୍ଡଳୀ ଉପସ୍ଥିତ ଥିଲେ।



## ଗୋତରାରେ ବିଜେଡି କର୍ମୀ ସମାବେଶ

ମାହାଙ୍ଗା, ୧୧।୫(ସମିସ)




ମାହାଙ୍ଗା ବ୍ଲକ ଅଧୀନ ନାହଙ୍ଗ ଓ ଗୋତରା ପଞ୍ଚାୟତରେ ବିଜେଡି କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି। ଏହି ସମାବେଶରେ ମାହାଙ୍ଗା ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ବିଜେଡିର ବହୁ ଲୋକାଭିମୁଖୀ ଯୋଜନା ଉପରେ ଆଲୋଚନା କରିଥିଲେ। ଗୋତରା ପଞ୍ଚାୟତ ଖସପଡ଼ିଆଠାରେ ସମାବେଶରେ ସାମାଜିକ କର୍ମୀ ଶଶୀଭୂଷଣ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ସରପଞ୍ଚ ସୂର୍ଯ୍ୟକାନ୍ତ ପଣ୍ଡା, ସମିତିସଭ୍ୟ ପ୍ରଦୀପ୍ତ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜୋନ୍ ସଭାପତି କମଳାକାନ୍ତ ଦାଶ, ଅକ୍ଷୟ ଷଡ଼ଙ୍ଗୀ, ସରପଞ୍ଚ କମଳାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନାହାଙ୍ଗ କର୍ମୀ ସମାବେଶ ଜୋନ ସଭାପତି କମଳାକାନ୍ତ ଦାଶଙ୍କ ସଭାପତିତ୍ୱରେ ଅତିଥି ଭାବେ ବ୍ଲକ ଉପାଧକ୍ଷ ଶ୍ରୀ ମହାନ୍ତି ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମହାନ୍ତି, ସରପଞ୍ଚ ପ୍ରତିନିଧି ଦେବରଞ୍ଜନ ମହାନ୍ତି, ପଞ୍ଚାୟତ ବିଜେଡି ସଭାପତି ଜଳଧର ନାୟକ, ସମିତିସଭ୍ୟ ଦିଲୀପ ସାମଲ, ଗୌତମ ଚରଣ ଜେନା ପ୍ରମୁଖ ଯୋଗଦେଇ ଥିଲେ।

## ବିଜେଡି ପ୍ରାର୍ଥୀ ଦେବୀରଞ୍ଜନଙ୍କ ବଦ୍ଧାଳ ଓ ବାଉଁଶପୁଟରେ ପ୍ରଚାର

ବାଙ୍କୀ, ୧୧।୫(ସମିସ)



ବାଙ୍କୀ ନିର୍ବାଚନ ମଣ୍ଡଳୀ ବଦ୍ଧାଳ ପଞ୍ଚାୟତରେ ଶନିବାର ବିଜେଡି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କରିବା ସହିତ ଭୋଟରମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ନିର୍ବାଚିତ କରାଇବା ପାଇଁ ଭୋଟରମାନଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ନାୟକ, ବିକ୍ରମ ସାମନ୍ତ ସିଂହାର, ପବିତ୍ର ସ୍ୱାଇଁ, ପ୍ରଭାତ ନାୟକ, ରାଜୀବ ବେହେରା, ରବୀନ୍ଦ୍ର ବେହେରା, ସଂଗ୍ରାମ ସାମନ୍ତ ସିଂହାର, ଲମ୍ବଧର ରାଉତ, ବିଭୂଦ୍ୱାରି, ସମରେନ୍ଦ୍ର ସାମଲ, ପ୍ରଦୀପ ବେହେରା, ଚକ୍ରଧର ପ୍ରିୟଦର୍ଶିନୀ ସ୍ୱାଇଁ, ଶରତ ସାମଲ, ରମେଶ ସାହୁ, ସୁଧାକର ସାହୁ, ସରଳା ମାନସିଂହ, ସନ୍ତୋଷ ସାହୁ, ଶଙ୍କର ପଣ୍ଡା, ନିରୋଜ ପ୍ରଧାନ, ଶଙ୍କର୍ଷଣ ଦାସ, ଦିଲ୍ଲୀପ ଖଟୁଆ ଓ ମହିଳାମାନେ ଯୋଗଦେଇ ନିର୍ବାଚନ ପ୍ରଚାରରେ ସହଯୋଗ କରିଥିଲେ। ସେହିପରି ବାଉଁଶପୁଟ ପଞ୍ଚାୟତରେ ଆଜି ବିଧାୟକ ଶ୍ରୀ ଦେବୀରଞ୍ଜନ ତ୍ରିପାଠୀ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଘରକୁ ଘର ବୁଲି ଭୋଟ ପ୍ରଚାର କରିଥିଲେ। ପବିତ୍ର ପରିଡ଼ା, ବିରଞ୍ଚି ଦଳେଇ, ସୁବାସ ରାଉତ, ଦିଲେଶ୍ୱର ମାଝୀ, ଅଶୋକ ରାଉତ, ଜିତେନ୍ଦ୍ର ରାଉତ, ଭୀମସେନ ଜେନା, ବାବୁଲି ସାହୁ, ରବୀନ୍ଦ୍ର ବଳ, ବ୍ଲକ ଉପାଧକ୍ଷ ଜୟନ୍ତୀ ବଳ, ବବିଲାଲ୍ ଦଳେଇ, ନେହୁରୁ ସ୍ୱାଇଁ, ପ୍ରତାପ ସେଠୀ ଓ ମିଶନଶକ୍ତି ମହିଳା ଗୋଷ୍ଠୀର ସଭ୍ୟାଙ୍କ ସହିତ ମକର ଧ୍ୱଜ ରାଉତ, ଦାମ ସ୍ୱାଇଁ, ବିଦ୍ୟାଧର ମନ୍ତ୍ରୀ, ଜିତେନ୍ଦ୍ର ପରିଡ଼ା, ନୀଳମଣି ବଳ, ଆନନ୍ଦ ବଳ, ଧନେଶ୍ୱର ବଳ, କାଲୁଆ ସେଠୀ, ବାପି ସେଠୀ, ଜଗୁ ସେଠୀ ଓ ନୀଳରାଉତ ପ୍ରମୁଖ ସାମିଲ୍ ହୋଇ ଭୋଟ ପ୍ରଚାରରେ ସହଯୋଗ କରିଥିଲେ।

## ଶଙ୍ଖ ଧ୍ୱନିରେ କମ୍ପିଲା କମଙ୍ଗ

# ରଣେନ୍ଦ୍ର ପ୍ରତାପ ଓ ସନ୍ତୃପ୍ତଙ୍କ ରୋଡ଼ ଶୋ

**ଟାଙ୍ଗୀ,୧୧।୫(ସମିସ)**

ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କମଙ୍ଗ ଗ୍ରାମରେ ଆଠଗଡ଼ ବିଜେଡି ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସାଂସଦ ପ୍ରାର୍ଥୀ ଡ. ସନ୍ତୃପ୍ତ ମିଶ୍ରଙ୍କ ଦ୍ୱାରା ରୋଡ଼ ଶୋ ମାଧ୍ୟମରେ କମଙ୍ଗ ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ପ୍ରଥମେ ବେଲଦା ଗ୍ରାମରୁ ଆରମ୍ଭ ହୋଇ ବ୍ରହ୍ମପୁର, କମଙ୍ଗ, କାଞ୍ଜିଆ, ମହିଷାଲଣ୍ଡା, ଶଙ୍କରପୁର, ବଡ଼ସାମନ୍ତରାପୁର ଓ ମଙ୍ଗରାଜପୁର ବୁଲି କୋଚିଲା ନୂଆଗାଁ ଶେଷ ହୋଇଥିଲା। ଉକ୍ତ ରୋଡଶୋରେ ଯୁବ ସଂଗଠକ ସେକ୍ ସାହାଜାନ, ବ୍ରହ୍ମପୁର ସରପଞ୍ଚ ପ୍ରତିନିଧି ଜଗନ୍ନାଥ ଦାସ, ପୂର୍ବତନ ସରପଞ୍ଚ ରଣଜିତ ରାଉତ, ବିଷ୍ଣୁ ଚରଣ ମାଝୀ, ମାନସ ରଞ୍ଜନ ମଲ୍ଲିକ, ଅଜୟ ବେହେରା ଓ ଆଠଗଡ଼ ନିର୍ବାଚନ ମଣ୍ଡଳୀର ଟାଙ୍ଗୀ ଚୌଦ୍ୱାର ବ୍ଲକର ପାଞ୍ଚ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଶତାଧିକ ବରିଷ୍ଠ ବିଜେଡ଼ି କର୍ମୀ ମହିଳା, ପୁରୁଷ ,ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀ ପ୍ରମୁଖ ଯୋଗ ଦେଇଥିଲେ।



## ଅବକାରୀ ଚଢ଼ଉ; ମଦ ସହିତ ପୋଚ ନଷ୍ଟ

**ଆଠଗଡ଼,୧୧।୫(ସମିସ):** ଆଠଗଡ଼ ଅବକାରୀ ଉପଅଧୀକ୍ଷକ ନିମାଇଁ ଚରଣ ସିଂଙ୍କ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅଧୀନ ଭିରୁଡ଼ା ଅଞ୍ଚଳରୁ ୬୮୬୦ ଲିଟର ଚୋରା ଦେଶୀ ରନ୍ଧା ମଦ ଏବଂ ୭୪୨୦ ଲିଟର ମଦ ପ୍ରସ୍ତୁତି ପାଇଁ ଗୁଡ଼ ପୋଚ ଜବତ କରି ନଷ୍ଟ କରାଯାଇଛି। ଏ ବାବଦରେ ୪ ଗୋଟି ମାମଲା ବିଭାଗ ପକ୍ଷରୁ ରୁଜୁ କରାଯାଇ ଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଏହି ଚଢ଼ଉରେ ଆଠଗଡ଼ ଅବକାରୀ ନିରୀକ୍ଷକ ହେମନ୍ତ ମହାନନ୍ଦିଆ, ସବ୍ ଇନ୍ସପେକ୍ଟର ଅରୁଣ କୁମାର ଭୋଇ, ଅସିତ ପାତ୍ର, ସୌମ୍ୟରଞ୍ଜନ ମାଝୀଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ।

## ଶିକ୍ଷକଙ୍କ ଘରୁ ଚୋରି

**ଟାଙ୍ଗୀ,୧୧।୫(ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ଟାଙ୍ଗୀ ଥାନା କନ୍ହେଇପୁର ପଞ୍ଚାୟତ ଚିନ୍ତାମଣିପୁର ବାସିନ୍ଦା ତଥା ଶିକ୍ଷକ ଶରତ ସାହାଣୀଙ୍କ ଘରୁ ଚୋରି ହୋଇଛି। ଶ୍ରୀ ସାହାଣୀ ଓ ତାଙ୍କ ମା' ଘରେ ଶୋଇଥିବାବେଳେ ଛାତ କବାଟ ଖୋଲି ଚୋରମାନେ ଘରେ ପଶି ୩୫ ହଜାର ଟଙ୍କା, ୧୦ଗ୍ରାମ ଓଜନର ସୁନାଚେନ୍ ଓ ଏକ ମୋବାଇଲ ଫୋନ ଚୋରି କରିଥିବା ଅଭିଯୋଗ ହୋଇଛି। ଟାଙ୍ଗୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ସନ୍ଧାନୀ କୁକୁର ସହାୟତ ନିଆଯିବ ବୋଲି ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି।

## ରାଷ୍ଟ୍ରୀୟ ଲୋକ ଅଦାଲତ, ୧୭ଟି ଫଇସଲା

**ବାଙ୍କୀ,୧୧।୫(ସମିସ):** ଆଜି ବାଙ୍କୀ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଥିଲା। ସିନିୟର ଡଭିଜନ୍ ସିଭିଲ ଜଜ୍ ନବନୀତା ଦାସଙ୍କ କୋର୍ଟରେ ସମୁଦାୟ ୨୯ଟି ମକୋଦ୍ଦମାରୁ ୭ଟି କେସ୍ ଫଇସଲା ହୋଇଥିଲା। ସେହିପରି ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ କୋର୍ଟର ସମୁଦାୟ ୨୯ଟି ମକୋଦ୍ଦମାରୁ ୧୦ଟି ମକୋଦ୍ଦମା ଫଇସଲା କରାଯାଇଥିଲା। ଏହି ଲୋକ ଅଦାଲତରେ କର୍ମଚାରୀ ବିପଦ ରଞ୍ଜନ ମହାପାତ୍ର, ଧୋଇନ ବେହେରା, ପ୍ରଶାନ୍ତ ବେହେରା, ଅଦୈତ୍ୟ ପ୍ରସାଦ ଦାଶ, ସୌଭାଗ୍ୟ ରଞ୍ଜନ ସାମନ୍ତରାୟ, ଗୌର କୃପା ଦାସ, ରଞ୍ଜନ ସାଠୁଆ, ଭାଗବତ ଦେହୁରୀ, ରମେଶ ନାୟକ, ବନମାଳୀ ବେହେରା, ସୁକାନ୍ତ ହାତୀ, ପ୍ରଦ୍ୟୁମ୍ନ ଜେନା, ଭରତ ନାୟକ ଓ ଦିପ୍ତିମୟୀ ନାୟକ ଉପସ୍ଥିତ ରହି ମକୋଦ୍ଦମା ଫଇସଲାରେ ସହଯୋଗ କରିଥିଲେ।

## ଆଠଗଡ଼ରେ ରାଷ୍ଟ୍ରୀୟ ଲୋକଅଦାଲତ

**ଆଠଗଡ,୧୧।୫(ସମିସ):**ଆଠଗଡ଼ ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଠଗଡ଼ ଅଦାଲତ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପ୍ରଦୀପ୍ତ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଅଦାଲତରେ ୭ ଟି ମୋଟର ଯାନ ଦୁର୍ଘଟଣା ମାମଲାରୁ ୪୪ ଲକ୍ଷ ୬୦ ହଜାର ଟଙ୍କା ଆଦାୟ ଏବଂ, ସହକାରୀ ଜିଲ୍ଲା ଦୌରା ଜଜ୍ ମହାଶ୍ୱେତା ପରିଜାଙ୍କ ଅଦାଲତ ପକ୍ଷରୁ ୧ ଟି ବୈବାହିକ ମାମଲା, ୬୧ ଟି ଦେୱାନୀ ମାମଲାର ଫଏସଲା କରିଥିଲେ। ସେହିପରି ଆଠଗଡ଼ ଏସ୍‌ଡିଜେ ଏମ୍ କୁନମୁନ ଆଚାରୀଙ୍କ ଅଦାଲତ ରେ ୨ ଟି ବୈବାହିକ ମାମଲା ୪୧ ଟି ଫୌଜଦାରୀ ମାମଲା ଏବଂ ଗୋଟିଏ ଚେକ୍ ବାଉନ୍ସ ମାମଲାରୁ ୧୦ ଲକ୍ଷ ୭୦ ହଜାର ଟଙ୍କା, ଜେଏମ୍‌ଏଫ୍‌ସି ସମ୍ବେଦନା ସମ୍ବିତଙ୍କ ଅଦାଲତ ରେ ଗୋଟିଏ ଚେକ୍ ବାଉନ୍ସ ମାମଲା ରେ ୫ ଲକ୍ଷ ଟଙ୍କା ଆଦାୟ କରାଯାଇ ଥିଲା। ସେହିପରି ଆଠଗଡ଼ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର କ୍ଷେତ୍ରବାସୀ ସ୍ୱାଇଁଙ୍କ ପକ୍ଷରୁ ୫୯୫ ଟି ମାମଲାରୁ ୩ ଲକ୍ଷ ୯୯ ହଜାର ୮୬୬ ଟଙ୍କା ଆଦାୟ କରା ଯାଇଛି। ଏଥିରେ ଆଠଗଡ଼ର ଭାରତୀୟ ଷ୍ଟେଟ ବ୍ୟାଙ୍କ,ୟୁକୋ ବ୍ୟାଙ୍କ ଆଦି ଯୋଗ ଦେଇଥିଲେ।

● ନାମାଙ୍କନ ଶୋଭାଯାତ୍ରାରେ ସରକାରୀ ଗାଡ଼ି ସାମିଲ

## ମାହାଙ୍ଗା ବିଜେପି ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ଫେରାଦ ହେଲା ବିଜେଡି



**ଭୁବନେଶ୍ୱର,୧୧।୫(ସମିସ):** ନିର୍ବାଚନ ହାରିବା ଭୟରେ ବିଜେପି ନେତା ବାରମ୍ବାର ଗୋଟିଏ ପରେ ଗୋଟିଏ ଆଇନ୍ ଭାଙ୍ଗି ଚାଲିଛନ୍ତି। ନାମାଙ୍କନ ଶୋଭାଯାତ୍ରାରେ କେବଳ ସରକାରୀ କର୍ମଚାରୀଙ୍କୁ ସାମିଲ କରୁ ନାହାନ୍ତି ବରଂ ସରକାରୀ ଗାଡ଼ିର ଅପବ୍ୟହାର କରିବା ପାଇଁ ମଧ୍ୟ ପଛାଉ ନାହାନ୍ତି। ମାହାଙ୍ଗା ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼େଇଙ୍କ ବିରୋଧରେ ବିଜୁ ଜନତା ଦଳ ଆଣିଛି ସଙ୍ଗୀନ ଅଭିଯୋଗ। ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନରେ ଅନ୍ତରାୟ ସାଜୁଥିବା ଶ୍ରୀ ଘଡ଼େଇଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି ବିଜେଡି। ଦଳ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ ୧୦ ତାରିଖ ଦିନ ଶ୍ରୀ ଘଡ଼େଇ ନାମାଙ୍କନ ଦାଖଲ ପାଇଁ ଶୋଭାଯାତ୍ରାରେ ଯାଇଥିଲେ। କିନ୍ତୁ ସେହି ରାଲିରେ ଶ୍ରୀ ଘଡ଼େଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଗାଡ଼ିକୁ ମଧ୍ୟ ସାମିଲ କରିଥିଲେ। ରାଜନୈତିକ କାର୍ଯ୍ୟକ୍ରମରେ ସରକାରୀ ଗାଡ଼ିର ଅପବ୍ୟବହାର ନିର୍ବାଚନ କମସନଙ୍କ ଆଦର୍ଶ ଆଚରଣ ବିଧିକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରୁଛି। ଏପରିକରି ଶ୍ରୀ ଘଡ଼େଇ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶକୁ କୁଠାରଘାତ କରିଛନ୍ତି। ତେଣୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଏହା ଦ୍ୱାରା ଅନ୍ୟମାନେ ଏପରି ଗୁରୁତର ଭୁଲ୍ କରିବାର କ୍ଷାନ୍ତ ରହିବେ ଏବଂ ସ୍ୱଚ୍ଛ ନିର୍ବାଚନ ପରିଚାଳନା ସମ୍ଭବ ହେବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ମାହିକ୍ଷୀତା ମିଶ୍ର, ଅପୂର୍ବା ଅପରୂପା, ମଧୁସ୍ମିତା ନାୟକ, ଇପ୍ସିତା ସାହୁ, ଓମ୍ ପ୍ରକାଶ ସାହୁ, ମିହିର ରାୟ ପ୍ରମୁଖ ସାମିଲ ହୋଇଥିଲେ।

## ଆଚିଭର୍ ତରଫରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ଫୁଲନଖରା,୧୧।୫(ସମିସ)**

କଟକ ସଦର ଥାନ ଅଧୀନ ଶ୍ରୀକୋରୁଆଁସ୍ଥିତ ସମ୍ବିତ୍ ସେଲିବ୍ରେସନ୍ ହଲ୍‌ରେ ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆଚିଭର' ତରଫରୁ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅଞ୍ଚଳର କ୍ରୀଡ଼ା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନର ସାରଥୀ ଭାବରେ ବିଧାୟକ ଶ୍ରୀ ବେହେରାଙ୍କ ଉଦ୍ୟମରେ ଇନଡୋର ଷ୍ଟାଡିୟମଟି କାର୍ଯ୍ୟକାରୀ ହୋଇଥିବାରୁ ଅନୁଷ୍ଠାନ ତରଫରୁ ନରେନ୍ଦ୍ର କୁମାର ସାହୁ, ନିଲୁ ମହାନ୍ତି, ବାସୁଦେବ ବେହେରା ଓ ଜଗନ୍ନାଥ ବେହେରା ପ୍ରମୁଖ ଉତ୍ସବରେ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର ବିଗତ ୫ ବର୍ଷରେ ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପଠନ ପୂର୍ବକ ରିପୋର୍ଟ କାର୍ଡ ପ୍ରଦାନ କରିଥିଲେ। ବିଧାୟକ 'ଆଚିଭର' ଅନୁଷ୍ଠାନକୁ ନିଜର ମାନସ ସନ୍ତାନ ରୂପେ ଗ୍ରହଣ କରି ଆଜୀବନ ସଦସ୍ୟ ହେବା ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ। ଏହି ଉତ୍ସବରେ ମା' ଅମ୍ବିକା ରାମଲୀଳା ପ୍ରଚାର ଓ ପ୍ରସାର ସମିତିର ସଭାପତି ବଳରାମ ବେହେରା, ଶ୍ରୀ ଶ୍ରୀ ଦଣ୍ଡା ମହାବୀର ଯୁବ ପରିଷଦର ସଭାପତି ସନ୍ତୋଷ କୁମାର ସାହୁ ମଧ୍ୟ ନବୀନ ସରକାରଙ୍କ ବିକାଶକ୍ମୁଖୀ କାର୍ଯ୍ୟକଳାପ ପାଇଁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଚିଭର ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଂପାଦକ ଅମ୍ବିକା ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ଶନିଦେବଙ୍କ ଜଳାଭିଷେକ

**ସାଲେପୁର,୧୧।୫(ସମିସ):** ସାଲେପୁର ଅଞ୍ଚଳର ବିଭିନ୍ନ ଶନିଶ୍ଚରଙ୍କ ପୀଠରେ ଗ୍ରହରାଜ ଶନିଶ୍ଚରଙ୍କ ଜଳାଭିଷେକ ଓ ଶନିମେଳା ଅନୁଷ୍ଠିତ ହୋଇଯାଇଛି। ଶନିବାର ସକାଳୁ ମାନସିକଧାରୀମାନେ ଗ୍ରହରାଜ ଶନିଦେବଙ୍କୁ ମାନସିକ ମୁତାବକ କଳସୀରେ ପାଣି ମହାପ୍ରଭୁଙ୍କୁ ଜଳାଭିଷେକ କରିଥିଲେ। ଆଜିର ଦିନରେ ସୂର୍ଯ୍ୟପୁତ୍ର ଶନିଦେବଙ୍କୁ ଜଳାଭିଷେକ କଲେ ଗ୍ରହରାଜ ଶନିଦେବ ଶାନ୍ତି ହୁଅନ୍ତି ଓ ଅପାର କୃପା ଭକ୍ତମାନଙ୍କୁ ପ୍ରଦାନ କରନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଆଜିର ଦିନରେ ଶ୍ରଦ୍ଧାଳୁମାନେ ସାଲେପୁର ବ୍ଲକ୍‌ର ବୋଦାମୁଣ୍ଡାଇ, ରାଇସୁଙ୍ଗୁଡ଼ା, ସାଲେପୁର କଲେଜରୋଡ୍, ବାରିଗୋଳ, କଳାଗ୍ମୀ, ବଟେଶ୍ୱର ସମେତ ସାଲେପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଥିବା ଶନିଦେବଙ୍କ ପୀଠରେ ଗ୍ରହରାଜ ପ୍ରଭୁ ଶନିଙ୍କୁ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଆଜି ସନ୍ଧ୍ୟାରେ ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ କୀର୍ତ୍ତନ କରାଯିବା ସହ ଶନିମେଳା ଅନୁଷ୍ଠିତ ହୋଇଥିଲା।



## ଶନିଶ୍ଚର ଦେବଙ୍କ ମହାମେଳା

**ଚୌଦ୍ୱାର,୧୧।୫(ସମିସ):** ଗ୍ରହରାଜ ଶନିଦେବଙ୍କ ଜନ୍ମଦିବସ ଅବସରରେ ଚୌଦ୍ୱାର ଅଞ୍ଚଳରେ ଥିବା ବିଭିନ୍ନ ଶନିପୀଠ ଓ ମନ୍ଦିରରେ ମହାମେଳା ଅନୁଷ୍ଠିତ ହୋଇଛି । ୪ନମ୍ବର ୱାର୍ଡ ଅଧୀନ ବେଉରା ସାହିସ୍ଥିତ ବୁଢ଼ା ଶନି ପୀଠରେ ଭକ୍ତମାନେ ଜଳଲାଗି, ଦୀପଦାନ ଓ ଭୋଗ ଲାଗି କରିଥିଲେ । ପୀଠରେ ସାରାଦିନ ଧରି ମହାଯଜ୍ଞ ଅନୁଷ୍ଠିତ ହେବା ସହିତ ନାମ ସଂକୀର୍ତ୍ତନ ଓ ପ୍ରସାଦ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କପାଳେଶ୍ୱର ଶନି ମନ୍ଦିର, ଚୌଦ୍ୱାର ଯାତ୍ରା ପଡ଼ିଆ ନିକଟ ଶନି ମନ୍ଦିର, ୧୭ ନମ୍ବର ୱାର୍ଡ ନୂଆସାହି ଶନି ମନ୍ଦିର, ନଖରା ପଞ୍ଚାୟତ ଶନିମନ୍ଦିର, ଆଗ୍ରାହାଟ ଶନିଦେବ ମନ୍ଦିର, ଶାଳଗାଁ ପଞ୍ଚାୟତ ନୂଆଗାଁ ଓ କୟଳପଡ଼ା ଡିହସାହି ଶନି ମନ୍ଦିର ଆଦିରେ ରୀତିନୀତିରେ ପୂଜାର୍ଚ୍ଚନା ଓ ମେଳା ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି ।



## ପୁରୁଣା ତିଗିରିଆରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



**ତିଗିରିଆ,୧୧।୫(ସମିସ)**

ତିଗିରିଆ ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ଶନିବାର ଏହି ବ୍ଲକ ଅଧୀନ ପୁରୁଣା ତିଗିରିଆ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଠଗଡ଼-ତିଗିରିଆ ନିର୍ବାଚନମଣ୍ଡଳୀ ବିଜେଡି ଯୁବ ସଂଗଠକ ତଥା ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଶ୍ରୀ ସ୍ୱାଇଁଙ୍କ ନେତୃତ୍ୱରେ ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ବ୍ଲକ ଉପାଧ୍ୟକ୍ଷ ମାନସ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗୀରଥି ନନ୍ଦ, ୧୪ ନଂ ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ୧୫ ନଂ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ରାଉତ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ପଞ୍ଚାୟତ ସଭାପତି ରଶ୍ମୀରଞ୍ଜନ ନାୟକ, ସରପଞ୍ଚ ପ୍ରତାପ କୁମାର ଜେନା, ଯୁବନେତା ଦୁଷ୍ମନ୍ତ ବେହେରା, ଆକାଶ ବେହେରା, ମନୋରଞ୍ଜନ ମହାନ୍ତି, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଏହି ପଞ୍ଚାୟତ ଅଧିନ ଚଷାଆଁରା ଶିବେଶ୍ୱର ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବାହାରି ଚଷାଆଁରା, ପାଇକିଆଁରା, ଅମୁଣିଆସାହି, ପୁରୁଣା ତିଗିରିଆ ଆଦି ପଞ୍ଚାୟତ ପରିକ୍ରମା କରିଥିଲେ। ଏହାସହ ଜନସାଧାରଣଙ୍କ ଘରକୁ ଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଅବଗତ କରାଇବା ସହିତ ଚଳିତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସାଂସଦ ପ୍ରାର୍ଥୀ ଡ. ସନ୍ତୃପ୍ତ ମିଶ୍ରଙ୍କୁ ଯୋଡି ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ମତଦାନ କରିବାକୁ ନିବେଦନ କରିଥିଲେ। ପୁରୁଣା ତିଗିରିଆ ପଞ୍ଚାୟତ ଅଧୀନ ଜଟିଆ ଅସବର୍ଣ୍ଣ ସାହି ଠାରେ କାର୍ଯ୍ୟକ୍ରମକୁ ଉଦ୍‌ଯାପିତ କରାଯାଇଥିଲା।

# ଟର୍ଚ୍ଚ ଲାଇଟ୍‌ରେ ରାତିଅଧିଆ ରାସ୍ତାକାମ

**ସାଲେପୁର,୧୧।୫(ସମିସ)**

ରାଜ୍ୟ ସରକାର ଲୋକମାନଙ୍କ ଗମନାଗମନ ଓ ଯାତାୟାତ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ରାସ୍ତା ନିର୍ମାଣ କରାଉଥିବାବେଳେ ନିର୍ମାଣକାରୀ ସଂସ୍ଥା ଖାମଖିଆଲୀ ନୀତି ଓ ରାସ୍ତା ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ଯୋଗୁଁ ବ୍ୟବହାର ଯୋଗୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ରାତିଅଧିଆ ବିନା ଆଲୁଅ ଓ ଭାଇବ୍ରେଟରରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ଏବେ ସାଲେପୁର ଛତିଆ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁ ରହିଛି। ଏହି କାର୍ଯ୍ୟ ସମ୍ପାଦନ କରୁଥିବା ଠିକା ସଂସ୍ଥା ଏହି ରାସ୍ତା ନିର୍ମାଣ କାର୍ଯ୍ୟରେ ନିମ୍ନମାନର ଗୋଡ଼ି ସିମେଣ୍ଟ ବ୍ୟବହାର କରୁଥିବାବେଳେ ରାତିଅଧିଆ ରାସ୍ତା ନିର୍ମାଣ କାର୍ଯ୍ୟ ଚଳାଇଛି। ଗତ ଦୁଇଦିନ ତଳେ ସାଲେପୁର-କୁଆଁପାଳ ରାସ୍ତାର ଚାରିମାଣିଆ ବଜାର ନିକଟରେ ଏହି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବାବେଳେ ଠିକାଦାର ସଂସ୍ଥା ରାତିଅଧରେ ଏହି ନିର୍ମାଣ କାର୍ଯ୍ୟ ବିନା ଆଲୁଅ ଓ ଭାଇବ୍ରେଟର ବ୍ୟବହାର ନକରି ବାଉଁଶରେ ଖେଞ୍ଚି ନିର୍ମାଣ କାର୍ଯ୍ୟ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଏହି ନିର୍ମାଣ କାର୍ଯ୍ୟ ଚାଲୁଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହେଉଛି।

**ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ**



● ହରିଅନ୍ତାରେ ବିଜେଡିର ମିଶ୍ରଣ ପର୍ବ

## ବିଜେପିର ଛାମୁଆ କର୍ମୀଙ୍କ ଯୋଗଦାନ



**ଟାଙ୍ଗୀ,୧୧।୫(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ହରିଅନ୍ତା ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସର୍ଦ୍ଦୋଳାସ୍ଥିତ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ଛାମୁଆ ବିଜେପି କର୍ମୀ ବିଜେଡ଼ିରେ ଯୋଗଦାନ କରିଥିଲେ। ପଞ୍ଚାୟତ ବିଜେଡ଼ି ସଭାପତି ନରେନ୍ଦ୍ର କୁମାର ରାଉତରାୟଙ୍କ ପୌରୋହିତ୍ୟରେ ତଥା ସର୍ଦ୍ଦୋଳାସ୍ଥିତ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦାନକରି ନୂତନ କର୍ମୀମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଜିଲ୍ଲାପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ସଭ୍ୟ ଚିତ୍ତରଞ୍ଜନ ସାମଲ, ପ୍ରାକ୍ତନ ଜିଲ୍ଲା ପରିଷଦ ସ୍ୱାଧୀନ କିଶୋର ମହାନ୍ତି, ବରିଷ୍ଠ ନେତା ଗୋଲଖ ମହାନ୍ତି, ସମିତି ସଭ୍ୟ ସୁମନ୍ତ ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର ଓ ବ୍ଲକ ବିଜେଡ଼ି ସଭାପତି ଧିରେନ୍ଦ୍ର ଜେଠୀ ପ୍ରମୁଖ ବହୁ ବିଜେଡ଼ି ନେତା ବୈଠକରେ ଉପସ୍ଥିତ ଥିଲେ।ଯୁବ ସଙ୍ଗଠକ ଗୋପାଳ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

## ଟାଙ୍ଗୀ ବ୍ଲକରେ ବିଜେଡିର ମାରାଥନ ନିର୍ବାଚନୀ ବୈଠକ

# ଯୋଡ଼ିଶଙ୍ଖଙ୍କୁ ଜିତାଇବାକୁ ଆହ୍ୱାନ

ଟାଙ୍ଗୀ/ଭୂଷୁଣ୍ଡପୁର, ୧୧।୫(ସମିସ): ବିଜେଡିର ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ କୁମାର ରାଉତରାୟ ଓ ଖୋର୍ଦ୍ଧା ବିଧାୟକ



ପ୍ରାର୍ଥୀ ରାଜେନ୍ଦ୍ର ସାହୁ ଟାଙ୍ଗୀ ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତରେ ଶନିବାର ମଧ୍ୟାହ୍ନ ଠାରୁ ମାରାଥନ ନିର୍ବାଚନୀ ବୈଠକ କରିଥିବା ଦେଖାଯାଇଛି। ପ୍ରଥମେ ମଙ୍ଗଳାଯୋଡି ପଞ୍ଚାୟତ ଓ ପରେ ବାଲିପାଟପୁର, କନ୍ତଳବାଇ, ଉଜଳାଗୋପୀନାଥପୁର ଓ ସୁନ୍ଦରପୁର ପଞ୍ଚାୟତରେ ବୈଠକ ଆୟୋଜିତ ହୋଇଥିଲା। ଉଭୟ ପ୍ରାର୍ଥୀ ବିଜେଡି ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ଦେବା ସହିତ ଷଷ୍ଠଥର ପାଇଁ ନବୀନ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ପ୍ରତ୍ୟେକ ବୈଠକରେ ବହୁ ସଂଖ୍ୟାରେ ମହିଳା, ପୁରୁଷ, ଯୁବଗୋଷ୍ଠୀ ଓ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ମତଦାନ ଦିବସରେ ଦଳୀୟ କର୍ମୀ ଭାଇଭଉଣୀମାନେ ସମସ୍ତ ଭୋଟରଙ୍କୁ ମତଦାନ କେନ୍ଦ୍ରକୁ ଆଣି ଭୋଟ ଦେବାର ସକ୍ରିୟ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବିଧାୟକ ପ୍ରାର୍ଥୀ ଶ୍ରୀ ସାହୁ ଓ ସାଂସଦ ପ୍ରାର୍ଥୀ ଶ୍ରୀ ରାଉତରାୟଙ୍କ ସମେତ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରୀସ୍ମାମାନଧାତା, ପୂର୍ବତନ ଅଧ୍ୟକ୍ଷ ତଥା ଜିଲ୍ଲାପରିଷଦ ସଭ୍ୟ ବିଜୟ କୁମାର ଜେନା, ଜିଲ୍ଲାପରିଷଦ ସଭ୍ୟା ଅନୁସୂୟା ବେହେରା, ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳର ଉପ ସଭାପତି ବିରଞ୍ଚି ନାରାୟଣ ପ୍ରଧାନ, ଗୋବିନ୍ଦ ରାଉତରାୟ, ବିଜୟ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ସାମନ୍ତରାୟ, ସୁରେନ୍ଦ୍ର ରାଉତ, ସୁଜିତ ହାଲଦାର ପ୍ରମୁଖ କର୍ମୀ ବୈଠକରେ ଯୋଡି ଶଙ୍ଖଙ୍କୁ ବହୁଳ ମାତ୍ରାରେ ଜିତାଇବା ଲାଗି ଉପସ୍ଥିତ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ମାତୃଭାଷାର ବହୁଳ ବ୍ୟବହାର ଅସ୍ମିତାର ପରିଚାୟକ

# ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ

ଖୋର୍ଦ୍ଧା, ୧୧।୫(ସମିସ): ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ପଞ୍ଚଦଶ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ସ୍ଥାନୀୟ ଗୀତାଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିବ ସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତା କରିଥିଲେ। ସମ୍ପାଦିକା ବିମଳା ସିଂହ ସ୍ୱାଗତ ଭାଷଣ ଦେବା ପ୍ରସଙ୍ଗରେ ଓଡ଼ିଆ କଳା, ସାହିତ୍ୟ, ସଂସ୍କୃତି,




ପରମ୍ପରା ଓ ଅସ୍ମିତାକୁ ନେଇ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଡକ୍ଟର ବାସନ୍ତୀ ମହାନ୍ତି, ଐତିହାସିକ ସତ୍ୟବାଦୀ ବଳିଆରସିଂହ, କବି ନିରାକାର ଦାସ, ବାଣୀବିହାର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ଡ.ଶରତଚନ୍ଦ୍ର ରଥ, ପୁରୀ ମହିଳା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ.ଶରଚ୍ଚନ୍ଦ୍ର ମହାପାତ୍ର, ନାଟ୍ୟକାର ବିଜୟ କୁମାର ମହାନ୍ତି, ପ୍ରାବନ୍ଧିକ ଡ. କିଶାନ କାନୁନଗୋ, ସାହିତ୍ୟିକ ମନୋଜ କୁମାର ଜେନା, ଅର୍ଚ୍ଚିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟର ବିକାଶ ପ୍ରତି ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ସାହିତ୍ୟ ପରିଷଦ ପକ୍ଷରୁ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତିବନ୍ଧୁ ଭିକ୍ଷୁ ମହାରାଜଙ୍କୁ ବୃନ୍ଦାବତୀ ଦାସୀ ଆଧ୍ୟାତ୍ମିକ ସମ୍ମାନ, ଓଡ଼ିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ପ୍ରଫେସର ଡ.ପ୍ରେମାନନ୍ଦ ମହାପାତ୍ରଙ୍କୁ ପଠାଣି ପଟ୍ଟନାୟକ ସମାଲୋଚନା ସାହିତ୍ୟ ସମ୍ମାନ, ଅବସରପ୍ରାପ୍ତ ଆଇ.ଏ.ଏସ୍ ତଥା ସାହିତ୍ୟିକ ଡ. ଅଲେଖ ଚନ୍ଦ୍ର ପଢ଼ିଆରୀଙ୍କୁ ସଚ୍ଚି ରାଉତରାୟ ଗଳ୍ପ ସମ୍ମାନ, ଟିଭି ପ୍ରଯୋଜକ ତଥା ସଂଳାପ ଲେଖକ ଚନ୍ଦ୍ରକାନ୍ତ ପଣ୍ଡାଙ୍କୁ କୁନ୍ତଳା କୁମାରୀ ଗୀତି କବିତା ସମ୍ମାନ, ନାଟ୍ୟକାର ତଥା ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତିଙ୍କୁ ପରାଶର ସମ୍ମାନ, ଗୀତାଞ୍ଜଳି ମହାନ୍ତିଙ୍କୁ ଡମ୍ବରୁଧର ପରିଡ଼ା ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ସାହିତ୍ୟିକା ଶ୍ୱେତପଦ୍ମାସିନୀ ମହାନ୍ତି ଅତିଥି ପରିଚୟ ଦେଇଥିବାବେଳେ ସମ୍ପାଦିକା ବିମଳା ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ମିନତୀ ମିଶ୍ର ଓ ଇତିଶ୍ରୀ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶେଷରେ ସମୀର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭିକ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ମହାରଣା, ଗୋଲକ ବିହାରୀ ନାୟକ, ସୁବାସିନୀ ପଟ୍ଟନାୟକ ଓ ଇତିଶ୍ରୀ ସାହୁଙ୍କ ସଂଯୋଜନାରେ ୩୨ଜଣ କବି/କବୟିତ୍ରୀ କବିତା ପାଠ କରିଥିଲେ।

## ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

ବେଗୁନିଆ, ୧୧।୫(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା(୭୧) ଶନିବାର ଅପରାହ୍ନରେ ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ ଶ୍ରୀ ବେହେରା କାଳ ବୈଶାଖୀ ବର୍ଷା ଯୋଗୁଁ ପବନ ହୋଇଥିବାରୁ ନିଜ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ଫଳରେ ବଜ୍ରାପାତ ଘଟି ଅଚେତ ଅବସ୍ଥାରେ ପଡ଼ି ରହି ଥିବାର ସ୍ଥାନୀୟ ଜନସାଧାରଣ ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମିତ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଖୋର୍ଦ୍ଧାରେ ରାଷ୍ଟ୍ରୀୟ ଲୋକ ଅଦାଲତ




ଖୋର୍ଦ୍ଧା, ୧୧।୫(ସମିସ): ସ୍ଥାନୀୟ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତକୁ ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ୍‌ସେବା କମିଟିର ଚେୟାରମ୍ୟାନ ଅଜୟ କୁମାର ପ୍ରଧାନ ଉଦଘାଟନ କରିଥିଲେ। ଆଜିର ଏହି ଲୋକ ଅଦାଲତରେ ଦୁର୍ଘଟଣା ୯୮ଟି କେସ୍ ର ଫୈସଲା ହୋଇ ୨୮ ଲକ୍ଷ ୫ହଜାର ଟଙ୍କା କ୍ଷତି ପୁରଣ ଦିଆଯାଇଥିଲା। ବ୍ୟାଙ୍କ କେସ ମଧ୍ୟରୁ ୧୦ଟିର ଫଏସଲା କରାଯାଇ ୨ଲକ୍ଷ ୧୨ହଜାର ୭୩୬ ଟଙ୍କା ଆଦାୟ କରାଯାଇଥିଲା। ଏଥିରେ ପରିବାର ଅଦାଲତ ଜଜ୍ ରାଜେଶ କୁମାର ନାୟାର, ଏଡିଜେ-୨ରଞ୍ଜିତା ଲେଙ୍କା, ସିଜିଏମ୍ ଶରତ କୁମାର ଜେନା, ମହିଳା ଅଦାଲତ ଜଜ୍ ଚିନ୍ମୟୀ ରଥ, ସୀଭିଲ ଜଜ୍ ବରିଷ୍ଠ ସୁନିତା କୁମାରି ଖଣ୍ଡେଲୱାଲ, ଫୌଜଦାରି ଅଦାଲତ ବିଚାରପତି (ଧର୍ତ୍ତବ୍ୟ ) ଲିପ୍ସା ରାଉତ, ଏସଡିଜେମ୍ ଜଗଦିସ ଚନ୍ଦ୍ର ଜେନା, ସିଭିଲ୍ ଜଜ୍ କନିଷ୍ଠ ପ୍ରଭାତ କୁମାର ସାମଲ୍ ଏହାକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକାଲ ସଂଘ ସମ୍ପାଦକ ମନ୍ମଥ ମିଶ୍ର, ଆଇନଜିବୀ ବିକ୍ରମ ଚମ୍ପତି, ଶିବ ତ୍ରିପାଠୀ, କେଦାରନାଥ ସାମନ୍ତରାୟ, ଉମେଶଚନ୍ଦ୍ର ହୋତା, ଖୋର୍ଦ୍ଧା ଓକିଲ ସଂଘର ସଭାପତି, ସମ୍ପାଦକ, ବିଭିନ୍ନ ଜାତୀୟ ବ୍ୟାଙ୍କର ଅଧିକାରୀ, ଅଦାଲତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଦାରୁରେ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଅନୁକୂଳ

ବାଲୁଗାଁ, ୧୧।୫(ସମିସ): ଚିଲିକା ବ୍ଲକ ଅନ୍ତର୍ଗତ ବଉଳବନ୍ଧ ଗ୍ରାମରେ ଶ୍ରୀ ଜଗନ୍ନାଥଙ୍କ ୨୪ ଗୋଟି ବେଶ ପ୍ରଦର୍ଶନୀ ନିମନ୍ତେ ଲିମ୍ବ କାଠ ତଥା



ଦାରୁରେ ମହାପ୍ରଭୁଙ୍କ ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ଅନୁଷ୍ଠିତ ହୋଇଯାଇଛି। ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ପରାମର୍ଶକ୍ରମେ ପୁରୀ ଝାଞ୍ଜି ପୀଠ ମହନ୍ତ ପୂଜ୍ୟ ବାବା ସଚ୍ଚିଦାନନ୍ଦ ଦାଶ ମହାରାଜ, ଚିନ୍ମୟ ମିଶନ ପଟିଆଲାର ସ୍ୱାମୀ ମାଧବାନନ୍ଦ ସରସ୍ୱତୀ, ଶ୍ରୀମନ୍ଦିର ଦଇତାପତି ରଘୁନାଥ ଦାଶ ମହାପାତ୍ର ଓ ଅନ୍ୟାନ ଜଗନ୍ନାଥ ସଂସ୍କୃତି ଗବେଷକମାନଙ୍କ ସହିତ ଲୀଳାକ୍ଷେତ୍ର କାଙ୍କଣ ଶିଖରୀ ଟ୍ରଷ୍ଟର ସଭାପତି ଡ଼ଃ ସୁଶାନ୍ତ କୁମାର ସାହୁ ବିଚାର ବିମର୍ଶ କରି ମହାପ୍ରଭୁଙ୍କ ଏହି ଅନନ୍ୟ କାର୍ଯ୍ୟକ୍ରମର ଶୁଭ ଅନୁକୂଳ କରାଯାଇଥିଲା। ବଉଳବନ୍ଧ ଗ୍ରାମର କାରିଗର ନୀଳମଣି ମହାରଣା ଓ ପ୍ରମୋଦ ମହାରଣା ଏହି ପ୍ରଭୁଙ୍କ ଏହି ୨୪ଟି ବେଶକୁ ନିର୍ମାଣ କରିବାକୁ ଭକ୍ତିପୂତ ଭାବରେ ଇଛା ପ୍ରକାଶ କରିଥିଲେ। ଦଇତାପତି ରଘୁନାଥ ଦାଶ ଙ୍କ ପ୍ରେରିତ ଶ୍ରୀଜଗନ୍ନାଥ ଙ୍କର ଶ୍ରୀଅଙ୍ଗ ଲାଗି ଗୀତଗୋବିନ୍ଦ ଖଣ୍ଡୁଆପାଟକୁ କାଙ୍କଣ ଶିଖରୀର ଆଦ୍ୟ ସେବକ ହାଡୁବନ୍ଧୁ ପଟ୍ଟନାୟକ ଦୁଇ ବିଶ୍ୱକର୍ମାଙ୍କୁ ଲାଗି କରାଇଥିଲେ। ବଉଳବନ୍ଧ ଗ୍ରାମର ପ୍ରଭୁ ବୃନ୍ଦାବନ ଦେବଙ୍କ ମନ୍ଦିରରେ ଅନୁଷ୍ଠିତ ଏହି ଶୁଭ ଅନୁକୂଳ କାର୍ଯ୍ୟ ଅବସରେ ଶ୍ରୀମନ୍ଦିରରୁ ଦଇତାପତି ରଘୁନାଥ ଦାଶ ମହାପାତ୍ର, ଦୂରଭାସା ଯୋଗେ, ଦୁଇ ବିଶ୍ୱକର୍ମାଙ୍କୁ ନିଷ୍ଠା ଓ ଭକ୍ତିର ସହିତ ମହାପ୍ରଭୁ ଙ୍କର କାର୍ଯ୍ୟକୁ ଆଗେଇ ନେବାକୁ ଆଶୀର୍ବାଦ କରିଥିଲେ। ପ୍ରକାଶ ଯେ, ଦାରୁ ନିର୍ମିତ ମହାପ୍ରଭୁଙ୍କ ୨୪ ବେଶ ପ୍ରଦର୍ଶନୀ ଜଗନ୍ନାଥ ସଂସ୍କୃତିରେ ପ୍ରଥମ ଥର ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏହାର ଶୁଭ ଅନୁକୂଳ ପୂଜା ଉତ୍ସବରେ ନଈରୀ ଗ୍ରାମର ରମେଶ ପଲେଇଙ୍କ ସହିତ ବଉଳବନ୍ଧ ଗ୍ରାମର ଜିତେନ୍ଦ୍ର ନାୟକ, ବୃନ୍ଦାବନ ମହାରଣା, ସନ୍ତୋଷ ନାୟକ, କାଳୁଚରଣ ବେହେରା ପ୍ରମୁଖଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।



## ଶ୍ରୀ ରାଧାବଲ୍ଲଭଜୀଉଙ୍କ ଜଳକ୍ରୀଡ଼ ଉତ୍ସବ



ଖୋର୍ଦ୍ଧା, ୧୧।୫(ସମିସ): ସ୍ଥାନୀୟ ରାଧାବଲ୍ଲଭ ସାହିସ୍ଥ ରାଜ ପ୍ରତିଷ୍ଠିତ ରାଧାବଲ୍ଲଭ ମନ୍ଦିରରେ ଚନ୍ଦନଯାତ ପାଳିତ ହୋଇଯାଇଛି। ଗଜପତି ମୁକୁନ୍ଦଦେବଙ୍କ ପୁତ୍ର ରାଜା ପ୍ରଥମ ଦିବ୍ୟସିଂହ ଦେବ (ଖ୍ରୀ ୧୬୮୯-୧୭୧୬) ଖୋର୍ଦ୍ଧା ଦୁର୍ଗର ଉତ୍ତର ପାର୍ଶ୍ୱସ୍ଥ ଜଜାରସିଂହ ମୌଜା ଅଧୁନା ଆଧୁନିକ ଖୋର୍ଦ୍ଧା ସହର ରୂପେ ପରିଚିତ ସ୍ଥାନରେ ରାଧାବଲ୍ଲଭ ଜୀଉଙ୍କ ଏକମାତ୍ର ମନ୍ଦିର ନିର୍ମାଣ କରିଥିଲେ। ପୁରୀ ରାଧାବଲ୍ଲଭ ମଠର ଶାଖା ୪୦୦ ବର୍ଷରୁ ଉର୍ଦ୍ଧ୍ୱ ଏହି ପୀଢ଼ ପ୍ରାଚୀନ ସୁଦୃଶ୍ୟ ମନ୍ଦିର ବିଦ୍ୟମାନ। ସନ୍ଧ୍ୟା ଆଳତୀ ହରିବୋଲ, ହୁଳହୁଳି ମଧ୍ୟରେ ପୂଜକ ଅବନ୍ତିକାନ୍ତ ଦାଶ ଅଷ୍ଟଧାତୁ ପ୍ରତିମାଙ୍କୁ ନାବସ୍ଥ ସିଂହାସନରେ ଆସୀନ କରିବା ପରେ ଶ୍ରୀଜୀଉ ଚାପ ଖେଳିଥିଲେ। ଆର୍କିଟେକ୍ଟ ଛାତ୍ର ଶୁଭମ୍ ବେହେରାଙ୍କ ଦ୍ୱାରା ଏହି ମନୋରମ ନାବ ନିର୍ମାଣ କରାଯାଇଛି। ଏହି ଉତ୍ସବକୁ ଭାଗବତ ପ୍ରଚାର ସମିତିର ଉପସଭାପତି ରବିନାରାୟଣ ମହାପାତ୍ର, ସମ୍ପାଦକ ଅଧ୍ୟାପକ ସୁଶାନ୍ତ ମିଶ୍ର, ଜଟକୃଷ୍ଣ ଦାଶ, ଗୌରଚନ୍ଦ୍ର ପ୍ରଧାନ, ସୂର୍ଯ୍ୟ ପାତ୍ର, କାଶିନାଥ ଲାଲା, ଆଶୀଷ ସାହା, ଏନ୍. ରାଜେଶ୍ୱର ରାଓ, ଖୁକି ବାରିକ, ରୁନୁ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ପ୍ରାୟ ଚାରି ଦଶନ୍ଧି ଧରି ଖୋର୍ଦ୍ଧା ସହରର ପୁଷ୍କରିଣୀମାନଙ୍କରେ ଠାକୁରଙ୍କ ଚନ୍ଦନ ଉତ୍ସବ ସ୍ଥଗିତ ଥିବାବେଳେ ଯୁବଛାତ୍ର ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଉତ୍ସବ ପାଳିତ ହୋଇଥିବାରୁ ଐତିହ୍ୟ ଗବେଷକ ଗୋପାଳକୃଷ୍ଣ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବ୍ୟାଙ୍କରେ ଅଗ୍ନିକାଣ୍ଡ; ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ

ଖୋର୍ଦ୍ଧା, ୧୧।୫(ସମିସ): ସ୍ଥାନୀୟ ଗୋଡ଼ିପୋଖରି ଛକ ରେ ଥିବା ବ୍ୟାଙ୍କ୍ ଅଫ ଇଣ୍ଡିଆ ଖୋର୍ଦ୍ଧା ଶାଖାରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ସମସ୍ତ କଂପ୍ୟୁଟର, ଗୁରୁତ୍ୱପୂର୍ଣ୍ଣ ଫାଇଲ୍, ଆସବାବପତ୍ର ନଷ୍ଟ ହୋଇଯାଇଛି। ଖବର ପାଇ ଅଗ୍ନିସମ ବିଭାଗ ପହଁଞ୍ଚ୍Oଚ ନିଆଁକୁ ଆୟତ୍ତ କରିଛି।

ସୂଚନା ଅନୁସାରେ, ରାତି ପ୍ରାୟ ସାଢେ ୩ଟା ସମୟରେ ବ୍ୟାଙ୍କ ଭିତରୁ ଧୂଆଁ ବହାରିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଫୋମ ସ୍ପ୍ରେ କରି ଭିତରେ ପଶି ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନଥିଲେ ସୁଦ୍ଧା ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁଁ ହୋଇଥାଇ ପାରେ ବୋଲି ଅଗ୍ନିଶମ ବିଭାଗ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଅଗ୍ନିକାଣ୍ଡରେ ବ୍ୟାଙ୍କ ଭିତରେ ଥିବା ୪ଟି ଏସି, ୭ଟି କମ୍ପ୍ୟୁଟର ସେଟ୍, ସ୍କାନର, ଫ୍ୟାନ, ସିସିଟିଭି କ୍ୟାମେରା, ଟଙ୍କା ଗଣତି ଯନ୍ତ୍ର, ପାସବୁକ ପ୍ରିଂଟର ପ୍ରଭୃତି ଲକ୍ଷାଧିକ ମୂଲ୍ୟର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

● ୨୧ କେଜି ଗଞ୍ଜେଇ ଜବତ

## ୩ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀ ଗିରଫ

ବାଲୁଗାଁ, ୧୧।୫(ସମିସ): ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ୧୬ନଂ ଜାତୀୟ ରାଜପଥର ନାଚୁଣୀ ସୁନାଖେଳା ଓଭରବ୍ରିଜ ନିକଟରେ ଚଢ଼ଉ କରାଯାଇ ୨୧ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ ଜଣ ଯୁବକ ଆନ୍ତରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶର ଫଇଜଲ (୨୬), ମୁସାରଫ (୨୩) ଓ ଜିସାନ (୨୨)। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବସ୍ ଓ ଟ୍ରକ୍ ମୁହାଁମୁହିଁ ଧକ୍କା, ୪ ଆହତ

ବେଗୁନିଆ, ୧୧।୫(ସମିସ): ଶନିବାର ଭୋର ସମୟରେ ବେଗୁନିଆ ଥାନା ସମ୍ମୁଖରେ ରାଜ୍ୟ ସଡକ ପରିବହନ ନିଗମର ଏକ ବସ ସହ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୪ଜଣ ଆହତ ହୋଇ ଚିକିତ୍ସା ହେଉଥିବାର ଜଣାପଡ଼ିଛି। ସୂଚନା ଅନୁଯାୟୀ ଫୁଲବାଣୀରୁ ଭୁବନେଶ୍?ର ଅଭିମୁଖେ ଯାଉଥିବା ରାଜ୍ୟ ସଡକ ପରିବହନ ନିଗମର ବସଟି ଯାଉଥିବାବେଳେ ନୟାଗଡ଼ ଅଭିମୁଖେ ଯାଉଥିବା ଟ୍ରକଟି ତାର ଡାହାଣ ପଟକୁ ଯାଇ ବସ୍‌କୁ ଧକ୍କା ଦେଇଥିବାର ଜଣାପଡ଼ିଛି।

## ମା'ଯୋଗମାୟାଙ୍କ ବାର୍ଷିକ ଉତ୍ସବ

ବେଗୁନିଆ, ୧୧।୫(ସମିସ): ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମସ୍ଥିତ ଆରାଧ୍ୟ ଦେବୀ ମା'ଯୋଗ ମାୟାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବୈଦିକ ରୀତିନୀତି ଅନୁସାରେ ଯଜ୍ଞ ବିଶାରଦ ପଣ୍ଡିତ ପୀତବାସ ମିଶ୍ର ଶର୍ମାଙ୍କ ତତ୍ତ୍ୱା ବଧାନରେ କର୍ତ୍ତା ଭାବେ ହରିବନ୍ଧୁ ତ୍ରିପାଠୀ ଓ ପତ୍ନୀ ମିନତୀ ତ୍ରିପାଠୀ ଉପବେସନ କରିଥିଲେ। କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ସଭାପତି ଗଙ୍ଗାଧର ଦଳେଇ ଓ ଆଇନଜୀବି ନିର୍ଭୟ କୁମାର ସାମନ୍ତରାୟ ପରିଚାଳନା କରିଥିବା ବେଳେ ସନ୍ଧ୍ୟାରେ ରାମ ନାଟକ ପରିବେଷଣ ହୋଇଥିଲା।

## ରଘୁନାଥ ଓ ଅରୂପଙ୍କ ବିଶାଳ ବାଇକ୍ ଶୋଭାଯାତ୍ରା ଓ କର୍ମୀ ସମ୍ମିଳନୀ

# ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ

ବାଲୁଗାଁ, ୧୧।୫(ସମିସ):ସାଧାରଣ ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳର ପ୍ରଚାର ଜୋର୍‌ଦାର କରିଛନ୍ତି। ଏହି




କ୍ରମରେ ଚିଲିକା ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ପୂର୍ବତନ ବିଧାୟକ ରଘୁନାଥ ସାହୁ ନିର୍ବାଚନୀ ପ୍ରଚାର ଜୋର୍‌ଦାର ଚଳାଇଛନ୍ତି। ବିଜେଡି ସରକାରଙ୍କ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଜନହିତକର ଯୋଜନା ସହ ଚିଲିକାର ବିକାଶକୁ ପାଥେୟ କରି ପୁରୀ ଲୋକସଭା ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ଚିଲିକା ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ଚିଲିକା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ବିଶାଳ ବାଇକ୍ ଶୋଭାଯାତ୍ରା ଓ କର୍ମୀ ସମ୍ମିଳନୀ କରି ନିଜର ଶକ୍ତି ପ୍ରଦର୍ଶନ କରିବା ସହ ଗାଁ ଗାଁ ବୁଲି ନିର୍ବାଚନୀ ପ୍ରଚାର ଜୋର୍‌ଦାର କରିଛନ୍ତି। ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖି କାର୍ଯ୍ୟ, ସ୍ୱଚ୍ଛ ଶାସନ, ନୀତି ଆଦର୍ଶ ଓ ରାଜ୍ୟର ବିକାଶ ଧାରାକୁ ଆଗେଇ ନେବାରେ ଅନୁପ୍ରାଣିତ ହୋଇ ଆୟୋଜିତ କର୍ମୀ ସମ୍ମିଳନୀମାନଙ୍କରେ ଦୈନନ୍ଦିନ ବିଜେପି ଓ କଂଗ୍ରେସ ଦଳ ଛାଡି ବିଭିନ୍ନ ଅଞ୍ଚଳର ବହୁ ଯୁବ, ଛାତ୍ର ନେତୃବୃନ୍ଦ ଓ କର୍ମକର୍ତ୍ତା ବିଜେଡିରେ ଯୋଗ ଦେଉଛନ୍ତି। ଶୁକ୍ରବାର ସନ୍ଧ୍ୟା ରେ ଚିଲିକା ନିର୍ବାଚନ ମଣ୍ଡଳୀର ବାଣପୁର ବ୍ଲକ ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତର ପଦନପୁର ଛକ ଠାରୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ବିଜେଡି ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ହଜାରରୁ ଉର୍ଦ୍ଧ କର୍ମୀଙ୍କ ସହ ବାହାରି ମା' ମେଘମ୍ବରୀ ମନ୍ଦିର ନିକଟରେ ପହଞ୍ଚି ସମାବେଶରେ ସାମିଲ ହୋଇଥିଲେ। ଏହି ଅବସରରେ ଅଲାଇଡିହ ଛକ ଠାରେ ବିଜେଡି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିବା ବେଳେ ମା' ମେଘାମ୍ବରୀ କଲ୍ୟାଣ ମଣ୍ଡପ ପରିସରରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ପ୍ରାର୍ଥୀ ଶ୍ରୀ ସାହୁଙ୍କ ସହ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଜିଲ୍ଲା ସାଂସଦ ପ୍ରତିନିଧି ମାନସ ପ୍ରଧାନ, ନନ୍ଦପୁର ପଞ୍ଚାୟତର ସମିତି ସଭ୍ୟ ପ୍ରତିନିଧି ଲୁଲୁ ବସ୍ତି, ଶଙ୍କର ବସ୍ତି, ଗୌରାଙ୍ଗ ପ୍ରଧାନ, ମନୁ ସାମନ୍ତରାୟ ଓ ପ୍ରକାଶ ପାଢ଼ି ପ୍ରମୁଖ ଉପସ୍ଥିତ ରହି ଚିଲିକାରେ ଯୋଡ଼ିଶଙ୍ଖରେ ଭୋଟ ଦେଇ ପ୍ରାର୍ଥୀଙ୍କ ବିପୁଳ ବିଜୟ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ଅନୁରୂପ ଭାବେ ଶନିବାର ସକାଳେ ବିଜେଡି ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ଓ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଉଭୟ ହଜାର ହଜାର ସମର୍ଥକଙ୍କ ଗହଣରେ ନିର୍ବାଚନ ମଣ୍ଡଳୀର ଚିଲିକା ବ୍ଲକ ଅନ୍ତର୍ଗତ ଚଣ୍ଡେଶ୍ୱର ଗ୍ରାମରୁ ବିଶାଳ ବାଇକ୍ ଶୋଭାଯାତ୍ରା ରେ ବାହାରି ୪ ଓ ୫ ନଂ ଜୋନ ଅଞ୍ଚଳ ପରିକ୍ରମା କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଶାଳ ବାଇକ୍ ଶୋଭାଯାତ୍ରାରେ ସାଂସଦ ଓ ବିଧାୟକ ପ୍ରାର୍ଥୀ ଙ୍କ ସହ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ଏନ୍ଏସି ଅଧ୍ୟକ୍ଷ ମିଟୁ ନାୟକ, ଜିଲ୍ଲା ସାଂସଦ ପ୍ରତିନିଧି ମାନସ ପ୍ରଧାନ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ମନୋଜ ପ୍ରଧାନ, ଉତ୍ପଳ ପାଇକରାୟ, ଜଗତ ବଲ୍ଲଭ ମହାରଥା, ପ୍ରଭାସ ସୁନ୍ଦରାୟ ପ୍ରମୁଖଙ୍କ ସମେତ ଚିଲିକା ନିର୍ବାଚନ ମଣ୍ଡଳୀ ବିଜେଡି ର ବହୁ ଆଗଧାଡିର ନେତୃବୃନ୍ଦ, କର୍ମକର୍ତ୍ତା ଓ କର୍ମୀ ମାନେ ସାମିଲ ହୋଇ ଚିଲିକାରେ ଯୋଡ଼ିଶଙ୍ଖଙ୍କୁ ବିପୁଳ ବିଜୟ କରାଇବା ପାଇଁ ସଂକଳ୍ପ ନେଇ ଥିଲେ।



